# ହସଖେଳ

(ଦ୍ୱିତୀୟ ଭାଗ)

## ପ୍ରଥମ ଶ୍ରେଣୀ

TVLVP3

(ଭାଷା, ଗଣିତ ଓ ପରିବେଶ ଅଧ୍ୟୟନର ସମନ୍ୱିତ ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

KP-H-45

# ହସଖେଳ

(ଦ୍ୱିତୀୟ ଭାଗ)

## ପ୍ରଥମ ଶ୍ରେଣୀ


**ସଂପାଦକ ମଣ୍ଡଳୀ :**

ଡ. ଚକ୍ରଧର ବିଶ୍ୱାଳ
ଶ୍ରୀ ନୀଳମାଧବ ପରିଚ୍ଛା
ଶ୍ରୀ ପ୍ରଶାନ୍ତ କୁମାର ରଥ
ଶ୍ରୀ ପ୍ରମୋଦ କୁମାର ମଲ୍ଲିକ

**ସମୀକ୍ଷକ ମଣ୍ଡଳୀ :**

ଶ୍ରୀ ନରେଶ ଚନ୍ଦ୍ର ପଣ୍ଡା
ଶ୍ରୀ ନୀଳମାଧବ ପରିଚ୍ଛା
ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

**ସଂଯୋଜନା:**

ଡ. ପ୍ରୀତିଲତା ଜେନା
ଡ. ତିଲୋତ୍ତମା ସେନାପତି
ଡ. ସବିତା ସାହୁ

**ପ୍ରକାଶକ:**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର


**ମୁଦ୍ରଣ ବର୍ଷ : ୨୦୧୦**
**୨୦୧୯**

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

ଆମେ ଏପର୍ଯ୍ୟନ୍ତ ଚ, ଟ, ମ, ର, ଗ, ଙ, କ, ନ, ପ, ଆ, ଠ, ବ, ଳ, ଲ, ଅ, ଖ, ଛ, ଣ, ତ, ଦ, ଜ, ଡ, ଢ, ଧ, ଶ, ଷ, ସ, ହ, ଇ, ଉ, ଘ, ଭ, ଯ, ୟ ଅକ୍ଷରଗୁଡ଼ିକ ଶିଖିଲେ ।

ଓଡ଼ିଆ ବର୍ଣ୍ଣମାଳାରେ ଏହି ଅକ୍ଷରଗୁଡ଼ିକ ଅ, ଆ, ଇ, ଉ, କ, ଖ, ଗ, ଘ, ଚ, ଛ, ଜ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ବ, ଭ, ମ, ଯ, ୟ, ର, ଳ, ଲ, ଶ, ଷ, ସ, ହ କ୍ରମରେ ରହନ୍ତି ।

# ସୂଚୀପତ୍ର


| ପାଠ ନଂ. | ବିଷୟ | ପୃଷ୍ଠା |
|---|---|---|
| ୧୪. | ମନ ବଦଳିଲା | ୯୬ |
| ୧୫. | ଶଙ୍ଖାବିଲେଇର ଶଙ୍ଖା | ୧୦୩ |
| ୧୬. | ନଈବଢ଼ି | ୧୧୨ |
| ୧୭. | ନେଉଳର ଘରତୋଳା | ୧୧୯ |
| ୧୮. | ବରଷା | ୧୨୫ |
| ୧୯. | ହନୁର କଦଳୀଖିଆ | ୧୩୨ |
| ୨୦. | ମୂଷିକରାଜା | ୧୩୯ |
| ୨୧. | ପଳା ପଳା, ପୃଥିବୀ ଫାଟିଲା | ୧୪୪ |
| ୨୨. | ଓ୍ୱିକେଟ୍ ଉଡ଼ିଗଲା | ୧୫୦ |
| ୨୩. | କାଞ୍ଚନର ପାଞ୍ଚକଥା | ୧୫୭ |
| ୨୪. | ଏଡ଼େ ଏଡ଼େ ବଡ଼ | ୧୬୪ |
| ୨୫. | ଖଞ୍ଜଣି ବାଜାର ମଜା | ୧୭୦ |
| ୨୬. | ତଣ୍ଟିରେ ଲାଗିଛି କଣ୍ଟା | ୧୭୬ |
| ୨୭. | ଝିଅ ହେବ ତ ଏମିତି | ୧୮୩ |
| ୨୮. | ରତ୍ନାକରର ଜନ୍ମଦିନ | ୧୯୦ |

ପାଠ-୧୪


# ମନ ବଦଳିଲା

ଫଗୁଣ ମାସ। ଭାରି ଖରା। ଫୁଲ, ଫଳ ଭରା ବଣ। ଶିକାରୀଟିଏ ଧନୁଶର ଧରି ବଣକୁ ପଶିଲା। ବୁଲିବୁଲି ଥକି ପଡ଼ିଲା। ଶିକାରଟିଏ ପାଇଲା ନାହିଁ। ତାକୁ ଭାରି ଶୋଷ ହେଲା। ଦେହ ହାତ ଥରଥର ହେଲା। କଇଥଗଛ ତଳେ କଚାଡ଼ି ହୋଇ ପଡ଼ିଲା।





ଶିକାରୀକୁ ଦେଖି ହାତୀ ମନରେ ଦୟା ଆସିଲା । ପାଣି ଆଣି ତା' ଦେହଯାକ ପିଚିକାରୀ କଲା । ଶିକାରୀ ଚେତା ଫେରି ପାଇଲା । ହାତୀ ଆଡ଼କୁ ଚାହିଁଲା । ହାତୀକୁ ଦେଖି ତା'ର ମନ ବଦଳି ଗଲା । ସେ ଧନୁଶର ଫୋପାଡ଼ି ଦେଲା ।



# ଅଭ୍ୟାସ


୧. ଆସ କହିବା ।

କ) ଶିକାରୀର ଦେହହାତ କ'ଣ ହେଲା ?

ଖ) ସେ କେଉଁ ଗଛମୂଳେ ପଡ଼ିଗଲା ?

ଗ) ଶିକାରୀ କାହିଁକି ଧନୁଶର ଫୋପାଡ଼ି ଦେଲା ?

୨.










ଉପର ଚକ୍ର ମଧ୍ୟରେ ଥିବା ଅକ୍ଷରଗୁଡ଼ିକ କେଉଁକେଉଁ ଶବ୍ଦରେ ଅଛି, ଗାର ଟାଣି ଯୋଡ଼ିବା ।


୩. ଆସ ସଜାଡ଼ି କହିବା ।


**ଥଇକ, ଲଫସ, ଳଫ, ରଶ, ଥର, ଳିଥା**

୪. କ) ବଣ ନ ଥିଲେ ଆମର କ'ଣ ଅସୁବିଧା ହୁଅନ୍ତା ?

ଖ) ତୁମ ଘରପାଖରେ କି କି ଫୁଲ ଓ ଫଳ ଗଛ ଅଛି ?

୫. କ) ଖାଲି ଘରେ ସଂଖ୍ୟା ଲେଖିବା ।

୭ଟି  -୧ଟି  = ☐ ଟି କମଳା





୫ଟି  -୧ଟି  = ☐ ଟି ଆତ

୩ଟି  -୧ଟି  = ☐ ଟି କଲମ

ଖ) ଛବି କରି ଦେଖିବା ।

୮ଟି ପେନ୍ସିଲ  -୧ଟି ପେନ୍ସିଲ  = ☐ ଟି ପେନ୍ସିଲ

୬.

| | |
|---|---|
| ୯ ଜଣ |  |
| ୮ ଜଣ |  |
| ୭ ଜଣ |  |
| ୬ ଜଣ |  |
| ୫ ଜଣ |  |
| ୪ ଜଣ |  |
| ୩ ଜଣ |  |
| ୨ ଜଣ |  |
| ୧ ଜଣ |  = ୦ ଶୂନ ପିଲା |

**କେମିତି ଲେଖିବା–**

**୯ ଜଣ ପିଲାଙ୍କ ମଧ୍ୟରୁ ୧ଜଣ ଗଲା ପରେ ରହିଲେ ୮ଜଣ ।**

**୯ ଜଣ - ୧ ଜଣ = ୮ ଜଣ**

**ସେହିପରି, ୮ ଜଣ - ୧ ଜଣ = ୭ ଜଣ**

୭. ଏହିପରି ଲେଖିବା ।

ଶ

ଥ

ଫ

୮. କ) ଯଦି ଗୋଟିଏ ହାତୀଛୁଆ ତୁମ ଘରକୁ ଆସେ, ତୁମେ କ'ଣ କରିବ ?

ଖ) ଖଡ଼ିକାରେ ଧନୁଶର ତିଆରି କରି ଆଣି ଦେଖାଅ ।



# ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ଗପଟିକୁ ପିଲାମାନଙ୍କୁ ଅଙ୍ଗଭଙ୍ଗୀ ସହ କହିବେ । କହିଲାବେଳେ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନିବା ଉପରେ ଗୁରୁତ୍ୱ ଦେବେ ।

- ଚିତ୍ରଗୁଡ଼ିକ ଉପରେ ଆଲୋଚନା କରିବେ ।

- ଅଭ୍ୟାସ କାର୍ଯ୍ୟ ୧ରେ ଦିଆଯାଇଥିବା ପ୍ରଶ୍ନ ବ୍ୟତୀତ ଅଧିକ ଛୋଟଛୋଟ ପ୍ରଶ୍ନ ଉପରେ ଆଲୋଚନା ଆବଶ୍ୟକ ।

- ଅଭ୍ୟାସ କାର୍ଯ୍ୟ ୪ (କ) ଓ (ଖ) ରେ ପ୍ରତ୍ୟେକପିଲାଙ୍କୁ କହିବାର ସୁଯୋଗ ଦିଆଯିବ । ଘର ପାଖରେ ଥିବା ଫଳ, ଫୁଲ ଉପରେ ଆଲୋଚନା ନିହାତି କରାଯିବ ।

- ଅଭ୍ୟାସ କାର୍ଯ୍ୟ ୫ରେ ବହିକାମ ସହ ବସ୍ତୁକୁ ନେଇ ବିୟୋଗ କାମ ଶ୍ରେଣୀରେ କରାଯିବ । ଏହି କାର୍ଯ୍ୟ ସମୟରେ ଲେଖିବା ଉପରେ ଗୁରୁତ୍ୱ ଦେବେ । ଏହି ସମୟରେ ସିଲଟ, କଳାପଟା ଓ ଚଟାଣରେ ସଂଖ୍ୟା ବିୟୋଗ ଉପରେ କାମ କରାଯିବ ।

- ଅଭ୍ୟାସ କାର୍ଯ୍ୟ ୭ର ଅକ୍ଷର ଲିଖନ କାର୍ଯ୍ୟପାଇଁ ସିଲଟ, କଳାପଟା ଓ କାନ୍ଥକଳାପଟାରେ କରାଇବା ଆବଶ୍ୟକ ।


- ଏହି ପାଠପାଇଁ ଅନ୍ୟୂନ ୧୯ଟି ପିରିଅଡ଼ ଲାଗିବ । ଏହି ପାଠରେ ଶ, ଥ, ଫ ଅକ୍ଷର ଚିହ୍ନଟ, ପଠନ ଓ ଲିଖନ, ଚିତ୍ର ବିଷୟରେ ଆଲୋଚନା, ୯ ମଧ୍ୟରେ ବିୟୋଗ, ୧ ର କ୍ରମିକ ବିୟୋଗ ବିଷୟରେ ଧାରଣା, ଶୂନ '୦'ର ଧାରଣା, ସୃଜନାତ୍ମକ ଚିନ୍ତନ ଓ ହସ୍ତକର୍ମ ଇତ୍ୟାଦି ଉପରେ ଧାରଣା ଆଧାରିତ ଦକ୍ଷତା ବିକାଶ ହେବା ଆବଶ୍ୟକ ।

ପାଠ-୧୫

# ଶଙ୍ଖୀବିଲେଇର ଶଙ୍ଖା



ମାଙ୍କଡ଼ ଟଙ୍କା ପୁଡ଼ିଆଟି
ଧରି ବଜାର ଗଲା ।
ଲଙ୍କା କିଣିଲା ।
ଦୋକାନରେ ପଙ୍ଖା
ଘୁରୁଥିଲା ।



ଏତିକିବେଳେ
ଶଙ୍ଖୀ ବିଲେଇ,
ଛପିଛପି
ପଟେ ଶଙ୍ଖା ନେଇ
ପଳେଇଲା ।



ମାଙ୍କଡ଼ ଶଙ୍ଖୀରକାମ
ଦେଖିଲା ।
ବାଉଳାରେ ନାଲିଲଙ୍କାଟି
ଚୋବାଇଦେଲା ।
ଲଙ୍କା ଖାଇ ମାଙ୍କଡ଼ର
ମୁହଁ ବଙ୍କା.....!

ଶଙ୍ଖୀ ବିଲେଇ ମାଙ୍କଡ଼ର ବଙ୍କାମୁହଁ ଦେଖି ଫେଁ କିନା ହସିଦେଲା ।



# ଅଭ୍ୟାସ

୧.କ) ଚିତ୍ର ମଝିରେ ଥିବା 'ଙ୍କ' ଅକ୍ଷରକୁ ତା' ଚାରିପଟେ ଥିବା ଶବ୍ଦଗୁଡ଼ିକରେ ଥିବା 'ଙ୍କ' ଅକ୍ଷର ସହିତ ଗାରଟାଣି ଯୋଡ଼ିବା ।




ଖ) ଶଙ୍ଖ ମଝିରେ ଥିବା 'ଙ୍ଖ' ଅକ୍ଷରକୁ ଚାରିପଟେ ଥିବା ଶବ୍ଦଗୁଡ଼ିକର 'ଙ୍ଖ' ସହିତ ଗାରଟାଣି ଯୋଡ଼ିବା ।

ଶଙ୍ଖା

ଶଙ୍ଖାରି




ଶଙ୍ଖ

ପଙ୍ଖା

୨.ଖାଲିଘରେ ଭାବି ଲେଖିବା, ଯେପରି-

| | | | | | | |
|---|---|---|---|---|---|---|
| ଝିଙ୍କ | ଅଙ୍କ | | | | | |

୩.ପାଠରେ ଯେଉଁ ଶବ୍ଦରେ 'ଙ୍କ' ଓ 'ଙ୍ଖ' ଅଛି, ସେଗୁଡ଼ିକୁ ଦେଖି ଲେଖିବା ।

୪.ଆସ କେତୋଟି ମୁଦ୍ରାକୁ ଜାଣିବା ।



## ୫. ସମାନ ପରିମାଣର ମୁଦ୍ରାରୁ ନୋଟ୍‌କୁ ଗାରଟାଣିବା ।
























## ୬. ଆସ ଖେଳଣା କିଣିବା ।

କ) କେତେଟଙ୍କାରେ ବିଲେଇ ମିଳିବ ?


ଖ) ୩ ଟଙ୍କାରେ କ'ଣ ମିଳିବ ?

ଗ) କେତେଟଙ୍କା ଦେଲେ ବିଲେଇ ଓ ହଂସର ଖେଳଣା କିଣିପାରିବ ?


ଘ) ଶୁଆ ଓ ହଂସ କିଣିଲେ କେତେଟଙ୍କା ଦେବାକୁ ପଡ଼ିବ ?

ଙ) ମୂଷା ଓ ଝିଟିପିଟିର ଦାମ୍ ମିଶି କେତେ ?

ଚ) ବିଲେଇ ଓ ମୂଷା ଖେଳଣା କିଣିଲେ କେତେଟଙ୍କା ଦେବ ?



## ୭. କିଏ କମ୍, କିଏ ବେଶି ଜାଣିବା ।



ପ୍ରଥମ

ଦ୍ୱିତୀୟ

କ) ପ୍ରଥମ ଗଛରେ ଥିବା ଆମ୍ବ – ଦ୍ୱିତୀୟ ଗଛରେ ଥିବା ଆମ୍ବ

= ☐ ଟି ଆମ୍ବ ।

ଖ) ଦ୍ୱିତୀୟ ଗଛରେ ଥିବା ଆମ୍ବ – ଗଛ ତଳେ ପଡ଼ିଥିବା ଆମ୍ବ


= ☐ ଟି ଆମ୍ବ ।

ଗ) ୯ - ୫ = 


ଘ) ୧୫ - ୪ = 

ଙ) ୧୭ - ୬ = 

୮. ଆମ୍ବକୁ ରଙ୍ଗ କରିବା ।



୯. ତଳେ ଗାର ଦିଆଯାଇଥିବା ମୁହଁର ବିଭିନ୍ନ ଅଂଶର ନାମ ଲେଖିବା ।



## ୧୦. ଆସ ଲେଖିବା ।

ଙ୍କ ଙ୍କ


ଙ୍ଖ ଙ୍ଖ

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଚିତ୍ର ଦେଖି ଶିକ୍ଷାର୍ଥୀମାନେ ଗପଟିକୁ ୨/୩ ଥର ପଢ଼ିବେ । ସେଥିରୁ ପୂରାଧାଡ଼ି, ଅଧାଧାଡ଼ି, ଶବ୍ଦକ୍ରମରେ ଅକ୍ଷର ଚିହ୍ନଟ କରିବେ ।
- ଙ୍କ, ଙ୍ଖ ଅକ୍ଷର ଚିହ୍ନଟ କରିବେ, ପଢ଼ିବେ ଓ ଲେଖିବେ । ଙ୍କ, ଙ୍ଖ ଥିବା ଶବ୍ଦଗୁଡ଼ିକୁ ପଢ଼ିବା ଓ ଲେଖିବା ଅଭ୍ୟାସ କରିବେ ।
- ପ୍ରଚଳିତ ସମସ୍ତ ମୁଦ୍ରା ଓ ନୋଟ୍ ପିଲାମାନଙ୍କୁ ଦେଖାଇ ପରିଚିତ କରାଇବେ ।
- ଅଭ୍ୟାସ ୫, ୬, ୭ ଭଳି ଅନ୍ୟଗୁଡ଼ିଏ ପ୍ରଶ୍ନ ପିଲାମାନଙ୍କୁ ଦିଆଯାଇ ଅଭ୍ୟାସ କରାଯିବା ଆବଶ୍ୟକ ।
- ଅଭ୍ୟାସ ୮ ଭଳି ଅନ୍ୟ ଚିତ୍ରର ଅଭ୍ୟାସ ମଧ୍ୟ ପିଲାମାନଙ୍କୁ ଦିଆଯିବା ଆବଶ୍ୟକ ।
- ୨୨ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କୁ 'ଙ୍କ' , 'ଙ୍ଖ' ପଢ଼ିବା, ଲେଖିବା, ମୁଦ୍ରା ପରିଚୟ, ନୋଟ୍ ପରିଚୟ, ମୁଦ୍ରା ତୁଳନା, ମୁଦ୍ରାରେ ୯ ମଧ୍ୟରେ ଯୋଗ, ୨୦ ମଧ୍ୟରେ ବିୟୋଗ ଓ ବାହ୍ୟଅଙ୍ଗର ବିଭିନ୍ନ ଅଂଶରନାମ ଜାଣିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ ।

ପାଠ-୧୬

# ନଈବଢ଼ି



# ଅଭ୍ୟାସ

୧. ଆସ କହିବା ।

(କ) ପାଠର ଛବିରେ କ'ଣ ସବୁ ଦେଖୁଛ ?

(ଖ) ଛବିରେ କେଉଁ ସବୁ ପଶୁମାନଙ୍କୁ ଦେଖୁଛ ?

(ଗ) ଛବିରେ କେଉଁ ସବୁ ପକ୍ଷୀମାନେ ଅଛନ୍ତି ?

(ଘ) ଡଙ୍ଗାରେ କ'ଣ କରାଯାଉଛି ?

(ଙ) ଲୋକମାନେ କେଉଁଠାରେ ଆଶ୍ରୟ ନେଇଛନ୍ତି ?

୨. ତଳେ ଦିଆଯାଇଥିବା ପଶୁମାନଙ୍କ ଭିତରୁ କେଉଁମାନେ ଘରେ ଓ କେଉଁମାନେ ବଣରେ ରହନ୍ତି, ଗାରଦେଇ ଯୋଡ଼ିବା ।








୩. ତଳେଥିବା ପଶୁମାନଙ୍କ ଭିତରୁ କେଉଁମାନେ ଡିଆଁଡେଇଁ କରନ୍ତି ଓ କେଉଁମାନେ ଡିଆଁଡେଇଁ କରି ପାରନ୍ତି ନାହିଁ, ଲେଖିବା ।

| ଡିଆଁଡେଇଁ କରନ୍ତି | ଡିଆଁଡେଇଁ କରିପାରନ୍ତି ନାହିଁ |
| --- | --- |
| | |
| | |
| | |



୪. ପକ୍ଷୀମାନେ କ'ଣ କ'ଣ ଖାଆନ୍ତି ?

୫. * ନଇବଢ଼ି ଛବିରେ ଘରର କି କି ଜିନିଷ ଭାସୁଛି, ଦେଖି କହିବା ।


* ଆମ ଘରେ କ'ଣ ସବୁ ଜିନିଷ ଅଛି, ଆସ ମନେପକାଇ କହିବା ।

* ଆମ ଘରେ ଥିବା ଜିନିଷ ଭିତରୁ ନଇବଢ଼ି ହେଲେ କେଉଁଗୁଡ଼ିକ ଭାସିବ କହିବା ।

* ତଳ ଛବିରେ ଦିଆଯାଇଥିବା ଜିନିଷ ମଧ୍ୟରୁ କିଏ କେଉଁଥିରୁ ତିଆରି ଦେଖି କହିବା ।



* ତଳେ ଥିବା ଜିନିଷଗୁଡ଼ିକ ଭିତରୁ ଯାହା କଇଁଚିରେ କଟାଯାଏ ତାକୁ ◯ ଏବଂ ଯାହା ଛୁରୀରେ କଟାଯାଏ ତାକୁ ☐ ମଧ୍ୟରେ ରଖିବା ।



୬. ଆସ ପଢ଼ିବା ।

ନଈ ଆଈ ଗାଈ ମାଈ ଈଷ ଧାଈ

୭. ଯେଉଁ ଶବ୍ଦରେ 'ଈ' ଅଛି ତାକୁ ଗୋଲ ବୁଲାଇବା ।

ଇଟା ଖଟା ଈଷ ଆଈ ନଈ ରାଇ

ମାଈ ଛାଇ ଖଇ କାଇ ଧାଈ ନାଇ

୮. କ) ପାଠର ଛବିରେ ଲୋକମାନେ କାହିଁକି ଚାଳ ଉପରେ ବସିଛନ୍ତି କହ ।

ଖ) ପାଠରେଥିବା ଛବିରେ ଯେଉଁ ଜାଗାଗୁଡ଼ିକ ଉଚ୍ଚା ତା ଚାରିପଟେ '○' ବୁଲାଇବା ।

ଘ) ଛବିରେ ଥିବା ଖାଲୁଆ ଜାଗା ଗୁଡ଼ିକୁ '▭' ଭିତରେ ରଖିବା ।

୯. ପାଠରେ ଥିବା ଛବିରୁ ତୁମକୁ ଭଲ ଲାଗୁଥିବା ଛବିଟିକୁ ଆସ ଅଙ୍କନ କରିବା ।

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ଶିକ୍ଷକ ଚିତ୍ର ପଠନ କରାଇବେ। ଚିତ୍ର ଉପରେ ଆଲୋଚନା କଲାବେଳେ ଏହା କେଉଁ ସମୟର ଛବି, କ'ଣସବୁ ଦେଖୁଛ, କେଉଁମାନେ ନଈବଢ଼ିରେ ଭାସିଯାଉଛନ୍ତି, ଲୋକମାନେ କେଉଁଠି ବସିଛନ୍ତି, ତାଙ୍କୁ କିପରି ଉଦ୍ଧାର କରାଯାଉଛି ଇତ୍ୟାଦି ଉପରେ ଆଲୋଚନା କରାଇବା ଆବଶ୍ୟକ ଏବଂ ନଈବଢ଼ି ପରି ଆଉ କେଉଁପ୍ରକାର ପରିସ୍ଥିତିରେ ଲୋକେ ଅସୁବିଧା ଭୋଗନ୍ତି ଆଲୋଚନା କରାଯିବ।
- ଚିତ୍ର ପଠନ ସମୟରେ ନିଜ ଘର, ଆଖପାଖ ଅଞ୍ଚଳର ବସ୍ତୁ, ଘରର ଆସବାବପତ୍ର ଇତ୍ୟାଦି ବିଷୟରେ ଆଲୋଚନା କରାଯିବ।
- ଅଭ୍ୟାସ କାର୍ଯ୍ୟ ୨ରେ ଅଧିକ ପଶୁମାନଙ୍କ ବିଷୟରେ ତଥା ସେମାନେ ଘରେ ବା ବଣରେ ରହନ୍ତି ସେ ବିଷୟରେ ଆଲୋଚନା କରିବେ।
- ଅଭ୍ୟାସ କାର୍ଯ୍ୟ ୪ରେ ପକ୍ଷୀମାନେ କ'ଣ ଖାଆନ୍ତି ଆଲୋଚନାବେଳେ ନିଜ ଅଞ୍ଚଳରେ ଦେଖାଯାଉଥିବା ପକ୍ଷୀର ଖାଦ୍ୟ ଉପରେ ଆଲୋଚନା କରାଯିବ।
- ଅଭ୍ୟାସ କାର୍ଯ୍ୟ ୫ର ୩ନଂ ପ୍ରଶ୍ନ ପାଇଁ ଯେତିକି ଜିନିଷ ଦିଆଯାଇଛି ତା'ଠାରୁ ଅଧିକା ଆଲୋଚନା କରାଯିବ।
- ଏହି ପାଠ ପାଇଁ ଅନ୍ୟୂନ ୧୪ଟି ପିରିଅଡ଼ ରହିଛି। ଏହି ପାଠରେ ଇ ର ପଠନ ଓ ଲିଖନ, ସ୍ଥାନୀୟ ଭୂମିରୂପ, ଘରର ଆସବାବପତ୍ର ଉପରେ ଆଲୋଚନା, ଚିତ୍ର ଅଙ୍କନ, କେଉଁ ଜିନିଷ କେଉଁଥିରେ କଟାଯିବ ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।


ପାଠ-୧୭

# ନେଉଳର ଘର ତୋଳା

U5EAN6

ଏକଲା ଏକଲା ଯାଉଛି କିଏ ?
ଏବେ ଦେଖ ସିଏ ନେଉଳଟିଏ ।
ଅଢ଼େଇ କିଲୋର ଶୋଉଳ
ହାତେ ଧରି ଚାଲେ ନେଉଳ ।
ଏବେ ଡାକିବ ସେ ବଢ଼େଇ
ନିଜଘର ଦେବ ଗଢ଼େଇ ।





# ଅଭ୍ୟାସ

୧. ଛବି ଦେଖି ପଢ଼ିବା ।


ନେଉଳ


ବିଲେଇ


ଶେଉଳ


ଠେକୁଆ



ଚଢ଼େଇ


ବଢ଼େଇ

୨. ଛବି ଦେଖି ଖାଲିଘରେ ଛାଡ଼ି ଦିଆଯାଇଥିବା ଅକ୍ଷର ଓ ମାତ୍ରାକୁ ଲେଖିବା ।


| | | | | |
|---|---|---|---|---|
| କ) | ୧ | ___କ | ୧୧ | ___ଗାର |
| ଖ) |  | ବି___ଲଇ |  | ବ___ଢ଼ଇ |
| ଗ) |  | ଚ___ଢ଼ଇ |  | ___ଠକୁଆ |

୩. ଅକ୍ଷରଗୁଡ଼ିକୁ ଯୋଡ଼ି ପଢ଼ିବା ଓ ଲେଖିବା ।




୪. 'ଏ' ଅକ୍ଷରକୁ ନେଇ ପଢ଼ିବା ଓ ଶବ୍ଦ ଲେଖିବା ।

ଯେପରି, ଏ-ସବୁ = ଏସବୁ



୫. ସମ୍ପର୍କ ଥିବା ଛବି ଓ ଶବ୍ଦକୁ ଯୋଡ଼ିବା । ଏହାପରେ ସମ୍ପର୍କିତ ଛବି ଓ ଶବ୍ଦକୁ ନେଇ ବାକ୍ୟଟିଏ କହିବା ।



ମାଟି



ସୁନା




କାଠ



ଲୁହା




କାଗଜ



ବାଉଁଶ

୬. ମୂଷା କେଉଁ ଚାବିରେ କେଉଁ ତାଲା ଖୋଲିବ, ଗାର ଦେଇ ଯୋଡ଼ିବା ।



## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ପାଠଟି ପୂର୍ବଗୀତ ପରି ୨/୩ ଥର ଚିତ୍ର ଦେଖି ପଢ଼ାଯିବ। ପୂର୍ବପରି 'ଏ' ଅକ୍ଷର ଓ 'ଏ' କାର ମାତ୍ରା ଚିହ୍ନିବେ।

- ଅଭ୍ୟାସ ୪ ଓ ୫ ଭଳି ଅନ୍ୟକାମ ମଧ୍ୟ ଦିଆଯିବା ଆବଶ୍ୟକ।


- 'ଏ' ଓ 'ଏ'କାର ଶବ୍ଦପାଇଁ ଅଧିକ ଅଭ୍ୟାସ ଦିଆଯିବ।

- ୨୦ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ 'ଏ' ଓ 'ଏ'କାର ମାତ୍ରା ଚିହ୍ନଟକରି ପଢ଼ିବା, ଲେଖିବା, ଦୁଇଟି ସଂଖ୍ୟାର ଯୋଗଫଳ ୧୮ ମଧ୍ୟରେ ହେବାଭଳି ଯୋଗକରିବା, କେଉଁଥିରୁ କ'ଣ ତିଆରି ହୁଏ ଜାଣିବା ଦକ୍ଷତା ବିକାଶହେବା ଆବଶ୍ୟକ।


ପାଠ-୧୮

# ବରଷା

U5N6PT



ଅନେକଦିନଧରି ବରଷା ହୋଇନଥାଏ। ନଈ, ନାଳ, ପୋଖରୀ ଓ ଗାଡ଼ିଆରପାଣି ଶୁଖି ଯାଇଥାଏ। ଠେକୁଆ, କୋଇଲି, କପୋତ, ବେଙ୍ଗ, ବେଙ୍ଗୁଲୀ, କପୋତୀ, କୁକୁର, କାଉ, ଓଧ ଓ କୋକିଶିଆଳ ପାଣିପାଇଁ କଲବଲ ହେଲେ। ଶୋଷରେ ଓଠ,ପାଟି ଶୁଖିଯାଉଥାଏ। ଆତୁରହୋଇ ମେଘକୁ ପାଣି ମାଗିଲେ।



ଗାଇଲେ...

କାଉ ଡାକିଲା କାଆ କାଆ,
ବରଷା ରାଣୀ ଆ ଆ ।
ହୁକେ ହୋ ବିଲୁଆ ନନା,
ବରଷା ରାଣୀ ତୁ ଆମକୁ ଅନା ।
ଶେଷରେ ଡାକିଲା ବେଙ୍ଗୁଲୀ ରାଣୀ,
ମେଘରୁ ଝରିଲା ବରଷା ପାଣି ।

# ଅଭ୍ୟାସ

୧. 'ଓ' ଅକ୍ଷର ଥିବା ଶବ୍ଦକୁ 'ଓ'ରୁ ଗାର ଟାଣିବା ।
'ଓ' ଭଳି ଉଚ୍ଚାରଣ ହେଉଥିବା ଶବ୍ଦ ତଳେ ଗାର ଟାଣିବା ।




୨. ଶବ୍ଦରେ ଥିବା 'ଓ' ଅକ୍ଷରଗୁଡ଼ିକୁ ଗାର ଟାଣି 'ୋ' ଯୁକ୍ତ ଶବ୍ଦ ସହ ଯୋଡ଼ିବା ।

ଓଧ

ଓଉ

ସେଓ



ରୋଗ

ଭୋକ

ଯୋଗ

ତୋରଣ

୩. ଚିତ୍ରସହ ବାକ୍ୟ ଯୋଡ଼ି କହିବା ।



ଭୋ ଭୋ କରେ ।

କା କା କରେ ।

ହୁକେ ହୋ କରେ ।

୪. କ) ଆଗେ କିଏ ବରଷାକୁ ଡାକିଲା ?

ଖ) ଶେଷରେ କିଏ ଡାକିଲା ?

ଗ) ମଝିରେ କିଏ ବରଷାକୁ ଡାକିଲା ?

୫. ଆସ କହିବା ।



ବିଲେଇନାନୀର ବାହାଘରପାଇଁ ବାଘ, ଶୃଗାଳ, ହାତୀ, କୁକୁର, ଗୁଣ୍ଡୁଚିମୂଷା, ଶୁଆ, ପାରା ଓ କୁଆ ବାହାରିଲେ ।

ଏବେ କହ– ଯଦି ପ୍ରଥମେ ହାତୀ ରହିବ ଓ ସବାଶେଷରେ ଗୁଣ୍ଡୁଚି ମୂଷା ରହିବ, ତେବେ ହାତୀ ପରେ ବଡ଼ରୁ ସାନ କ୍ରମରେ କିଏ ସବୁ ରହିବେ ?

୬. ଛବି ଦେଖି କହିବା ।



(କ) ପ୍ରଥମେ କିଏ ଅଛି ?

(ଖ) ଶେଷରେ କିଏ ଅଛି ?

(ଗ) ମଝିରେ କେଉଁମାନେ ଅଛନ୍ତି ?

(ଘ) କାହାର ପୂର୍ବରୁ ଓ ପରେ କିଏ ଅଛି ?

(ଙ) ହାତୀ ଓ ଶୃଗାଳ ମଝିରେ କିଏ ଅଛି ?

(ଚ) କୁକୁର ଓ କାଉ ମଝିରେ କିଏ ଅଛି ?

୭. ପୂର୍ବ ଓ ପର ସଂଖ୍ୟାକୁ ଖାଲି ଘରେ ଲେଖିବା ।

| | |
|---|---|
| ୩ | ୪ |
| ୨ | |
| | ୭ |
| ୮ | |
| | ୮ |
| | ୬ |
| ୬ | |
| ୭ | |


| | | |
|---|---|---|
| ୨ | | ୪ |
| ୬ | ୭ | |
| ୪ | ୫ | |
| | ୮ | ୯ |
| ୧ | ୨ | |
| | | ୫ |
| | ୭ | |
| | ୬ | |

୮. କ) ଛବିଗୁଡ଼ିକରୁ ବରଷାଋତୁର ପୋଷାକ ଓ ଶୀତଋତୁର ପୋଷାକକୁ ଗାର ଟାଣି ଯୋଡ଼ିବା ।







ଖ) କାହାପାଖରେ କିଏ ଲାଗିବ ଗାରଟାଣି ଯୋଡ଼ିବା।

ଯେପରି–

| | |
|---|---|
| ଗାଈ ——————— | ହମା ହମା କରେ |
| ହାତୀ | ଘାସ ଖାଏ |
| ହରିଣ | ହୁକେ-ହୋ କରି ରଡ଼ି ଛାଡ଼େ |
| ବିଲୁଆ | ଭୋ ଭୋ କରେ |
| କୁକୁର | ଧୀରେ ଧୀରେ ଚାଲେ |

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ପାଠଟି ୨/୩ ଥର ଚିତ୍ରଦେଖି ପଢ଼ାଯିବ।
- ପୂର୍ବପରି ଶିକ୍ଷାର୍ଥୀ 'ଓ' ଅକ୍ଷର ଚିହ୍ନିବ ଓ 'ଓ'କାର ମାତ୍ରା ଚିହ୍ନି ତା'ର ବ୍ୟବହାର କରିବ।
- ଅଭ୍ୟାସ ୧,୨,୩,୪, ୫ ପରି ଅଧିକଅଭ୍ୟାସ ଦିଆଯିବ । 'ଓ' ଓ 'ୋ'କାର ଥିବା ଶବ୍ଦଗୁଡ଼ିକର ପଠନ ଓ ଲିଖନର ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ।
- ଅଭ୍ୟାସ ୮ ଆଲୋଚନାବେଳେ ସେମାନଙ୍କର ନିଜ ଅଞ୍ଚଳର କି ପ୍ରକାର ବର୍ଷାଦିନିଆ ପୋଷାକ ବ୍ୟବହାର କରାଯାଏ ଆଲୋଚନା କରିବେ।
- ଶିକ୍ଷାର୍ଥୀମାନେ ଏହିପାଠ ପଢ଼ିବାପର୍ଯ୍ୟନ୍ତ ଶିଖିଥିବା ଅକ୍ଷରଗୁଡ଼ିକୁ ନେଇ ଶବ୍ଦ ଗଠନକରି ପଢ଼ିବାର ଓ ଲେଖିବାର ଅଭ୍ୟାସ କରିବେ।
- ୨୨ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କୁ 'ଓ' ଓ 'ଓ' କାର (ୋ) ଚିହ୍ନିବା, ପଢ଼ିବା, ଲେଖିବା, ପୂର୍ବବର୍ତ୍ତୀ - ମଧ୍ୟବର୍ତ୍ତୀ - ପରବର୍ତ୍ତୀ ସଂଖ୍ୟାର ଧାରଣା ପାଇବା, ବର୍ଷାଋତୁରେ ବ୍ୟବହୃତ ପୋଷାକକୁ ଜାଣିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୧୯


# ହନୁର କଦଳୀଖିଆ



ହାତୀ ଓ ହନୁ
ଭାରି ସାଙ୍ଗ ।
ଦିନେ ସାଙ୍ଗହୋଇ
ନଦୀକୂଳରେ
ଯାଉଥିଲେ ।
ବେଙ୍ଗଟିଏ ଡେଇଁପଡ଼ିଲା ।
ବେଙ୍ଗର ଶବଦ ଶୁଣି
ହାତୀ ଚମକି ଦେଖିଲା -
ବେଙ୍ଗ ଜଗିଛି କଦଳୀ
ବଗିଚା ।




ଶୁଙ୍ଘିଶୁଙ୍ଘି ହାତୀ କହିଲା,
"ହଳଦିଆ ରଙ୍ଗ କଦଳୀ,
କେଡ଼େ ବଢ଼ିଆ ବାସୁଛି ।"
ହନୁ ତା'ଜଙ୍ଘିଆ ସଜାଡ଼ି
ସାଙ୍ଗକୁ କହିଲା "କଦଳୀ
ଦୁଇଟା ଖାଇବା ।"



ହନୁକଥା ଶୁଣି ବେଙ୍ଗ ରାଗି ଲାଲ୍। ରାଗରେ ଜଙ୍ଘ ବାଡ଼େଇ ହନୁର ଜଙ୍ଘିଆକୁ ଟାଣି ଦେଲା। ହନୁର ସାଙ୍ଗ ହାତୀ ବେଙ୍ଗର ଜଙ୍ଘ ବାଡ଼ିଆ ଦେଖି ଫେଁ କିନା ହସି ଦେଲା। କହିଲା, "ସମସ୍ତେ ସାଙ୍ଗ ହୋଇ ରହିବା, ମିଳିମିଶି କଦଳୀ ଖାଇବା, ଆମେ ସଭିଏଁ ଭାଇଭାଇ।"

# ଅଭ୍ୟାସ

୧. ଛବି ଦେଖି ପଢ଼ିବା ।



କଦଳୀ



ହାତୀ



ଦୀପାଳି



ତୀର

୨.




- ଉପର ଛବିରେ ଯେଉଁ ଘରେ (ୀ) 'ଈ'କାର ଅଛି, ସେହି ଘର ଫୁଲର ପାଖୁଡ଼ାରେ ହଳଦିଆ ରଙ୍ଗ ଦେବା ।
- ହଳଦିଆ ପାଖୁଡ଼ାଗୁଡ଼ିକ ଗଣି ଖାଲିଘରେ ଲେଖିବା ।
- ରଙ୍ଗ ନ ଥିବା ପାଖୁଡ଼ା ମିଶାଇ ଲେଖିବା ।
- ମୋଟ୍ ପାଖୁଡ଼ା ମିଶାଇ ଲେଖିବା ।

୩. ଧାଡ଼ିରେ ଛାଡ଼ିଯାଇଥିବା (ୀ) 'ଈ'କାରକୁ ଲେଖି ପଢ଼ିବା ଓ ଲେଖିବା ।

ହନୁ ହାତ ଗଲେ କଦଳ ଖାଇ

## ୪. ଛବି ସହିତ ପଢ଼ିବା ।

କ) ପହିଲମାନ୍ ନିଜ  ବାଡ଼େଇ ଲଢ଼େଇକୁ ଡାକୁଛି ।

ଖ) ଆମେ  ରେ ବସି ନଦୀ ପାର ହେଉ ।

ଗ) ନୀରୋଦ ନୀଳ  କିଣିଲା ।

ଘ) ଚାଷୀ  ଧରି ବିଲକୁ ଯାଉଛି ।

## ୫. କ) ଚିତ୍ର ଦେଖି ଖାଲିଘର ପୂରଣ କରିବା ।



ବେ_____



ଆ____ଳି

ଖ)




ପଢ଼ିବା...

ଢେଙ୍ଗା ଲୋକଟି ଫୁଲ ଶୁଙ୍ଘୁଛି ।

ଗ) 'ଙ୍ଗ' ଓ 'ଙ୍ଘ' ଲାଗିଥିବା ଆଉ କେତୋଟି ଶବ୍ଦ କହ ।

୬.




ତୁମ ବହିର ମଲାଟଟି ଦିଆସିଲିରେ ମାପିବା ଓ କହିବା ।
ଶ୍ରେଣୀ କୋଠରିର ଲମ୍ବ ଓ ଓସାର ଗୋଟିଏ ବାଡ଼ିରେ ମାପିବା ।
ବଗିଚାର ଓସାର ଗୋଟିଏ ଦୁଇହାତିଆ ବାଡ଼ିରେ ମାପିବା ।
ତୁମ ମୁଣ୍ଡକୁ ସୂତାରେ ମାପିବା । ମଗରେ ପାଣି ନେଇ ଗ୍ଲାସରେ ମାପିବା ।

ଘରପାଇଁ କାମ :

ତୁମ ଘରର ଓସାରକୁ ତୁମ ପାଦରେ ମାପ ।
ଘରେ ତୁମ ମା'ଙ୍କ ସହ ମିଶି ଗୋଟିଏ ଶାଢ଼ିକୁ ମାଆଙ୍କ ହାତରେ ମାପ, କେତେ ହେଲା ଲେଖ ।

୭. ଆମକୁ ଯାହା ଖଟା ଲାଗେ ତାକୁ ପେନସିଲ ଗାରରେ ଓ ଯାହା ମିଠା ଲାଗେ ତାକୁ କଲମ ଗାରରେ ଜିଭ ସହ ଯୋଡ଼ିବା।



ଆଖୁ   କଦଳୀ   ଲିଚୁ   କମଳା   କରମଙ୍ଗା   ଆମ୍ବ   ତେନ୍ତୁଳି

୮. ଶିକ୍ଷକ ନିମ୍ନ କାମ ଦେଇ ଆଲୋଚନା କରାଇବେ।

କ) ତୁମ ଜିଭକୁ ନିଜ ହାତରେ ଧର ଓ ନିଜ ସାଙ୍ଗର ନାଆଁ ଧରି ଡାକ। ତୁମ କଥା ତୁମ ସାଙ୍ଗକୁ କିପରି ଶୁଭିଲା ପଚାରି ବୁଝ।

ଖ) ଜିଭ ଥିବାରୁ ଆମର କେଉଁ ସବୁ ସୁବିଧା ହୁଏ କହ।

୯. ଆସ ନାମ କହିବା।

କ) ଖଟା ଜିନିଷ

ଖ) ମିଠା ଜିନିଷ

ଗ) ପିତା ଜିନିଷ

ଘ) ରାଗ ଲାଗୁଥିବା ଜିନିଷ

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା


- ଚିତ୍ର ଦେଖା ସହ ପାଠଟି ଧୀରେଧୀରେ ପଢ଼ା ହେବ - ଶିକ୍ଷକ ଓ ଶିକ୍ଷାର୍ଥୀ ମିଶି ପଢ଼ିବେ।
- ବେଙ୍ଗର ଜଙ୍ଘ ବାଡ଼ିଆ କଥା ଆସିଲାବେଳେ ପିଲାମାନେ ଛିଡ଼ା ହୋଇ ଦୁଇ ହାତରେ ନିଜ ଜଙ୍ଘ ବାଡ଼େଇବା ପାଇଁ କୁହାଯିବ।
- ଗପଟି ପଢ଼ା ହେବାପରେ ଏପରି କିଛି ପ୍ରଶ୍ନ ପଚାରି ଆଲୋଚନା ହେବ, ଯେଉଁ ପ୍ରଶ୍ନର ଉତ୍ତରରେ ପିଲା 'ଙ୍ଗ' ଓ 'ଙ୍ଘ' ଉଚ୍ଚାରଣ କରିବା ଦରକାର ହେଉଥିବ ।

  ଯେପରି– ବେଙ୍ଗ ରାଗିଯାଇ କ'ଣ ବାଡ଼େଇଲା ?

  ହାତୀ କାହିଁକି ହସିଲା ? ଇତ୍ୟାଦି
- ଯେଉଁଠି ସୂଚନା ବୁଝିବାରେ ପିଲାଙ୍କ ଅସୁବିଧା ହେବ ଶିକ୍ଷକ ସହାୟତା ଦେବେ।
- ଅଭ୍ୟାସ ୫ (ଗ) ପ୍ରଶ୍ନ ଶିକ୍ଷକ ପଚାରିବେ । ୬ ନଂ. ପ୍ରଶ୍ନର ସୂଚନା ପର୍ଯ୍ୟାୟକ୍ରମେ ଦେଇ କାମଗୁଡ଼ିକୁ କରାଯିବ ।
- ଅଭ୍ୟାସ ୮ ଓ ୯ ଶିକ୍ଷକ ପଚାରି କାମ କରାଇବେ।
- ପ୍ରତ୍ୟେକ ପିଲା ପଢ଼ିବା, କହିବା, ଅଭିନୟ କରିବା, ମାପିବା କାମ କରିବା ଆବଶ୍ୟକ।
- ୨୧ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ 'ଈ'କାର (ୀ) ଚିହ୍ନିବା ଓ ୀ ଲାଗିଥିବା ଶବ୍ଦ ପଢ଼ିବା, ଙ୍ଗ ଓ ଙ୍ଘ ଚିହ୍ନିବା, ପଢ଼ିବା ଓ ଲେଖିବା, ଡେଙ୍ଗା-ଗେଡ଼ା ଦର୍ଶାଇବା, ବିଭିନ୍ନ ସ୍ୱାଦଯୁକ୍ତ ଜିନିଷର ନାମ କହିବା, ଜିଭର କାମ ଦର୍ଶାଇବା, ଅଣମାନକ ଏକକରେ ମାପିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୨୦

# ମୂଷିକ ରାଜା



ଉଭା ହେଲେ ଆସି ମୂଷିକ ରାଜା,
ଧୂପ ଦୀପ ଜାଳି କରିଲେ ପୂଜା ।
ଭେରୀ ତୂରୀ ବାଜା ଉଠିଲା ବାଜି,
ମନ ମଉଜରେ କରିଲେ ଭୋଜି ।
ସରାଗେ ବସିଲେ ଖାଇବା ପାଇଁ,
ଊଣା ଅଧିକ କେ କହିଲେ ନାହିଁ ।

# ଅଭ୍ୟାସ

୧. ଆସ ଚିତ୍ର ଦେଖି ପଢ଼ିବା ।



ଊଣା




ଅଧିକ




ମୂଷା



ମୟୂର



ତୂରୀ



ମୂଳା

୨. ( ୂ ) 'ଊ'କାର ଲଗାଇ ଲେଖିବା ଓ ତାକୁ ପଢ଼ିବା ।



ମଳା



ତରୀ

୩. (କ) 'ଊ'କାର ( ୂ ) ମାତ୍ରା ତଳେ ଗାର ଦେବା ।

ଧୂଳିମଳି ଧଳାମୂଳା ଧୂପଦୀପ

ପୂଜାପରବ ଭେରୀତୂରୀ ଧୂପଦାନି

(ଖ)



ଉପର ଚିତ୍ରରୁ ପୂଜାପର୍ବରେ ଯେଉଁ ବାଜାଗୁଡ଼ିକ ବ୍ୟବହାର କରାଯାଏ ତା' ତଳେ ଗାର ଦେବା ଓ ଯେଉଁ ଜିନିଷଗୁଡ଼ିକ ବ୍ୟବହାର କରାଯାଏ ତା'ର ଚାରିପାଖରେ ଗୋଲ ବୁଲାଇବା ।

୪. ଆସ ଆମ୍ବ ମିଶାଇ କହିବା ।




| | |
|---|---|
| କ) ସୀତା ଓ ରୀତାର ଆମ୍ବ ମିଶି କେତେ ? | |
| ଖ) ମିତା ଓ ରୀତା ପାଖରେ ମିଶି କେତୋଟି ଆମ୍ବ ଅଛି ? | |
| ଗ) ଗୀତା ଓ ସୀତାର ଆମ୍ବ ମିଶି କେତେ ହେବ ? | |
| ଘ) ଗୀତା ଓ ମିତାର ଆମ୍ବ ମିଶି କେତେ ? | |
| ଙ) ସୀତା ଓ ମିତାର ଆମ୍ବ ମିଶି କେତୋଟି ଅଛି ? | |

୫. ଶୂନ୍ୟସ୍ଥାନ ପୂରଣ କରି କହିବା ।

୫ଟି ଆମ୍ବ + ୫ଟି ଆମ୍ବ = ___ ଟି ଆମ୍ବ

୮ଟି ଆମ୍ବ + ୫ଟି ଆମ୍ବ = ___ ଟି ଆମ୍ବ

୭ଟି ଆମ୍ବ + ୪ଟି ଆମ୍ବ = ___ ଟି ଆମ୍ବ

___ଟି ଆମ୍ବ + ୭ଟି ଆମ୍ବ = ୧୧ ଟି ଆମ୍ବ

___ ଟି ଆମ୍ବ +___ଟି ଆମ୍ବ = ୧୫ ଟି ଆମ୍ବ

୬. ନିଜ ମୁଣ୍ଡପାଇଁ ଗୋଟିଏ କାଗଜପଟି ତିଆରି କରିବା । ଦେଖିବା, ସାଙ୍ଗମାନଙ୍କ ଭିତରେ କାହା ମୁଣ୍ଡ ପଟିଟି ବଡ଼ ।

୭. ଆସ ପଢ଼ିବା ।

ନୂଆଖାଇ ଓଡ଼ିଶାର ଏକ ବଡ଼ ପରବ ।

ସେହିଦିନ ନୂଆଧାନ ଓ ପରିବା ଠାକୁରଙ୍କୁ ଭୋଗ କରାଯାଏ ।

ବଡ଼ମାନେ ସେହିଦିନ ସାନମାନଙ୍କୁ ଆଶିଷ କରନ୍ତି ।

ନୂଆଖାଇ ଦିନ ଲୋକମାନେ ବହୁତ ମଜା କରନ୍ତି ।

୮. ନିଜ ଘରେ ପାଳନ କରାଯାଉଥିବା ଯେ କୌଣସି ପର୍ବ ଉପରେ କହିବା ।


## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- କବିତାଟିକୁ ୩/୪ ଥର ଆବୃତ୍ତି କରାଯିବ। ଆବୃତ୍ତି କଲାବେଳେ ଶିକ୍ଷକ ଅଙ୍ଗଭଙ୍ଗୀ କରିବେ। ପଦରୁ ଧାଡ଼ି, ଧାଡ଼ିରୁ ଅଧା ଧାଡ଼ି, ଅଧା ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ ହେବ।
- ଅଭ୍ୟାସ କାର୍ଯ୍ୟ ୧ ବେଳେ ଗ୍ଲାସରେ ଅଧିକ ଓ ଊଣା ପାଣି, ଥାଳିଆରେ ଅଧିକ ବାଲି, କମ୍ ବାଲି ଇତ୍ୟାଦି ବିଷୟରେ କାମ କରାଯିବ।
- ଅଭ୍ୟାସ କାର୍ଯ୍ୟ ୨ ପାଇଁ ' ୂ ' ଲଗାଇ ଆଉ କିଛି ଶବ୍ଦ ଲେଖିବାପାଇଁ ଦେବେ।
- ଅଭ୍ୟାସ କାର୍ଯ୍ୟ ୪ରେ ଥିବା ବାଦ୍ୟଯନ୍ତ୍ରଗୁଡ଼ିକ ବିଷୟରେ ଆଲୋଚନା କରାଯିବ । ଯଥା– କେଉଁଥିରୁ ତିଆରି, ଏହାର ନାମ, କେଉଁଗୁଡ଼ିକ ତମେ ଦେଖିଛ, କେମିତି ଶବ୍ଦ ହୁଏ ଇତ୍ୟାଦି ।
- ଅଭ୍ୟାସ କାର୍ଯ୍ୟ ୭ରେ ମୁଣ୍ଡ ଛଡ଼ା ହାତର ଗଣ୍ଠି, କାନ୍ଧ ପାଖ, ବେକକୁ ମଧ୍ୟ ପିଲାମାନେ କାଗଜ ପଟିରେ ମାପିବେ ଓ ତୁଳନା କରିବେ।
- ଅଭ୍ୟାସ କାର୍ଯ୍ୟ ୮ରେ ନୂଆଖାଇ ପରି ଅନ୍ୟାନ୍ୟ ଆଞ୍ଚଳିକ ପର୍ବପର୍ବାଣି ଉପରେ ବାକ୍ୟ ଲେଖି ପଠନ ଅଭ୍ୟାସ କରାଯିବ।
- ଏହି ପାଠପାଇଁ ଅନ୍ୟୂନ ୨ ୨ଟି ପିରିଅଡ୍ ରହିଛି। ଏହି ପାଠରେ ' ୂ ' କାରର ବ୍ୟବହାର, ଏହାର ଚିହ୍ନଟ, ଊଣା ଅଧିକ ବିଷୟରେ ଧାରଣା, ସରଳ ଶବ୍ଦ ଓ ବାକ୍ୟର ପଠନ, ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର, ଯୋଗଫଳ, ୧୮ ମଧ୍ୟରେ ହେଉଥିବା ଦୁଇଟି ସଂଖ୍ୟାର ଯୋଗ, ଅନୁଚ୍ଛେଦ ପଠନ, ସୃଜନାତ୍ମକ ଚିନ୍ତନ, ତଥ୍ୟ ସଂଗ୍ରହ ଇତ୍ୟାଦି ଆଧାରିତ ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୨୧

# ପଳା ପଳା, ପୃଥିବୀ ଫାଟିଲା

ଶୃଗାଳଟିଏ ବଣରେ ବୁଲୁଥିଲା । ବେଲଗଛ ଦେଇ ଗଲାବେଳେ ପଛରୁ ଜୋର୍‌ରେ ଶୁଭିଲା 'ଠୋ' । ଶୃଗାଳ ଏକମୁହାଁ ହୋଇ ଦୌଡ଼ିଲା । ବାଟରେ ଠେକୁଆ ପଚାରିଲା, "କ'ଣ ହେଲା ?"




ପଳା ପଳା, ପୃଥିବୀ ଫାଟିଗଲା । ଆଗ ପଛ ହୋଇ ଦୁହେଁ ଦୌଡ଼ିଲେ । ମୃଗ ପଚାରିଲା, "କ'ଣ ହେଲା ?" ପଳା ପଳା, ପୃଥିବୀ ଫାଟିଗଲା । ବାଟଯାକ ଯିଏ ଯାହାକୁ ଦେଖିଲା କହିଲା, ପଳା ପଳା, ପୃଥିବୀ ଫାଟିଗଲା.....

ବଣରୁ ସବୁଜୀବ ଦୌଡୁଥିବାର ଦେଖି ସିଂହରାଜା ପଚାରିଲେ, "କ'ଣ ହେଲା ?" ସଭିଏଁ କହିଲେ, ପୃଥିବୀ ଫାଟିଗଲା। ସିଂହରାଜା ବୁଝି ଜାଣିଲେ କଥାଟି ଶୃଗାଳ କହିଛି। ରାଜାଙ୍କ ସହିତ ଯିବାପାଇଁ କେହି ରାଜି ହେଲେ ନାହିଁ।



ରାଜାଙ୍କ ସହ ହାତୀ ଶୃଗାଳକୁ ଧରି ବେଲ ଗଛ ପାଖକୁ ଗଲେ। ଦେଖିଲେ ବେଲଟାଏ ଦୁଇଫାଳ ହୋଇ ପଡ଼ିଛି।



# ଅଭ୍ୟାସ

୧. ଛବିର ନାମ ପାଇଁ ଖାଲିଜାଗା ପୂରଣ କରିବା।



☐ ଷି



☐ ଗ




ଶଗାଳ ☐



କଷକ ☐


୨. ଘରେ ପୋଷୁଥିବା ପଶୁପକ୍ଷୀର ଚିତ୍ରକୁ ଘରଛବି ସହ ଓ ବଣରେ ରହୁଥିବା ପଶୁପକ୍ଷୀ ଛବିକୁ ବଣଛବି ସହ ଯୋଡ଼ିବା।



## ୩. ୧୦ଟଙ୍କାରେ କି କି ଜିନିଷ କିଣି ପାରିବା ?




୩ ଟଙ୍କା



୩ ଟଙ୍କା



୨ ଟଙ୍କା



୧ ଟଙ୍କା



୪ ଟଙ୍କା



୯ ଟଙ୍କା



୨ ଟଙ୍କା

## ୪. ଖାଲିଘରେ କେତେ ହେବ ଲେଖିବା ।

 [୯ଟି] +  [୭ଟି] = [ ]

 [ ] +  [ ] = [ ]

 [ ] +  [ ] = [ ]

## ୫. ଆସ ଯୋଡ଼ିବା, ଯେପରି –

| | |
|---|---|
| ୬ +୪ | ୬ + ୫ |
| ୮ + ୩ | ୫ + ୭ |
| ୯ + ୭ | ୭ + ୩ |
| ୬ + ୬ | ୮ + ୮ |

୬. ଲେଖାଥିବା ଶବ୍ଦକୁ ଖାଲିଘରେ ଲେଖିବା ।

| | | | | | |
|---|---|---|---|---|---|
| ଶୃଗାଳ | | ମୃଗ | | କୃଷକ | |
| ପୃଥିବୀ | | କୃମି | | କୃପା | |

୭. ଖାଲିଘରେ ଛବି କରିବା ଓ = ଚିହ୍ନ ପରେ ଖାଲିଘରେ କେତେ ହେବ ଲେଖିବା ।

[ ] ୭ଟି ଫୁଲ + [ ] ୫ଟି ଫୁଲ = [ ] ଟି ଫୁଲ

[ ] ୮ଟି କାଠି + [ ] ୮ଟି କାଠି = [ ] ଟି କାଠି

[ ] ୫ଟି ବଲ୍ + [ ] ଟି ବଲ୍ = ୧୪ ଟି ବଲ୍

୮. କ) ପାଠ ୨୧ରେ 'ର'କାର ( ୃ ) ଥିବା ଶବ୍ଦ ଗଣିବା ଓ କେତେ ହେଲା କହିବା ।

ଖ) ଆସ ସଜାଡ଼ି ଲେଖିବା –

ଗାଳଶୃ [ ] ବୀପୃଥି [ ]

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ପ୍ରଥମେ ପିଲା ପ୍ରଥମ ଚିତ୍ର ଦେଖିବେ ଓ ତା'ପରେ ଦ୍ୱିତୀୟ ଚିତ୍ର ପର୍ଯ୍ୟନ୍ତ ଶିକ୍ଷକ ଓ ପିଲା ପଢ଼ିବେ।
- ଦ୍ୱିତୀୟ ଓ ଶେଷଚିତ୍ର ପିଲା ଦେଖିବେ ଓ ତା'ପରେ ପାଠର ଶେଷଭାଗ ପଢ଼ାହେବ।
- ପଢ଼ାବେଳେ ଶୃଗାଳ, ପୃଥିବୀ, ମୃଗ ଇତ୍ୟାଦି ଶବ୍ଦର ଉଚ୍ଚାରଣ ଉପରେ ଜୋର ଦିଆଯିବ।
- ପଢ଼ାସରିବାକ୍ଷଣି ଶିକ୍ଷକ କିଛି ପ୍ରଶ୍ନ ସାହାଯ୍ୟରେ ଆଲୋଚନା କରିବେ, ଯେପରି - କିଏ ବଣରେ ବୁଲୁଥିଲା ?


  କିଏ ଏକ ମୁହାଁ ହୋଇ ଦୌଡ଼ିଲା ?

  କ'ଣ ଫାଟିଛି ବୋଲି ଶୃଗାଳ ଠେକୁଆକୁ କହିଲା ?

  ବଣର ରାଜା କିଏ ? ଶେଷରେ ହାତୀ କ'ଣ ଦେଖିଲା ?
- ଅଭ୍ୟାସ ୮ (କ) ପ୍ରଶ୍ନ ଶିକ୍ଷକ ପଚାରିବେ ଓ ପାଠରୁ ( ୃ ) ମାତ୍ରା ଥିବା ଶବ୍ଦ ଗଣିବା ପାଇଁ ସମୟ ଦେବେ। ଆବଶ୍ୟକ ହେଲେ ଗୋଟିଏ ଶବ୍ଦର ଉଦାହରଣ ଦେବେ।
- ଅଭ୍ୟାସ ୮ (ଖ) ପରି ଆଉ କିଛି ଅସଜଡ଼ା ଶବ୍ଦ ଦେଇ ସଜାଡ଼ି ଲେଖିବା କାମ ଦିଆଯିବା ଆବଶ୍ୟକ।
- ମାଟିରେ ଗୋଟିଏ କଦଳୀ ଓ ଗୋଟିଏ ସେଓ ତିଆରି କରି ରଙ୍ଗ ଦେବା କାମ ଦିଆଯିବ ।
- ୨୨ ପିରିଅଡ଼ର ଏଇ ପାଠରୁ ଶିକ୍ଷାର୍ଥୀଙ୍କ 'ର'କାର ଥିବା ଶବ୍ଦ ଚିହ୍ନିବା, ଲେଖିବା, 'ର'ଅକ୍ଷର ଚିହ୍ନିବା ଓ ପଢ଼ିବା, ନକଲ କରି ଲେଖିବା, ଯୋଗଫଳ ୧୮ ହେଉଥିବା ଦୁଇଟି ସଂଖ୍ୟାର ଯୋଗ କରିବା, ମୁଦ୍ରାର ବ୍ୟବହାର ଦର୍ଶାଇବା, ଗୃହପାଳିତ ଓ ବଣର ଜୀବଜନ୍ତୁଙ୍କୁ ଚିହ୍ନିବା, ଶବ୍ଦ ଗଢ଼ିବା ଓ ଭାବ ବୁଝି ପ୍ରକାଶ କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୨୨

# ୱିକେଟ୍ ଉଡ଼ିଗଲା



ୱାସିମ୍ ଓ କନଓ୍ୱାର
ଦୁଇ ସାଙ୍ଗ।
କନଓ୍ୱାର ବୁଲି
ଆସିଥିଲା ୱାସିମ୍
ଘରକୁ।

ଚୁଲିରେ ତାଓ୍ୱା ବସାଇ ୱାସିମ୍‌ର ମାଆ ଆମ୍‌ଲେଟ୍ କଲେ। ୱାସିମ୍ ଓ କନଓ୍ୱାର ଖୁସିରେ ଖାଇଲେ।

ଖାଇସାରି କନଓ୍ୱାର କହିଲା - "ୱାସିମ୍, ଚାଲ ବାହାରକୁ ଯିବା। ହାଓ୍ୱାରେ ବୁଲିବା।
ପଡ଼ିଆରେ କ୍ରିକେଟ ଖେଳିବା।"



ଦୁହେଁ ବ୍ୟାଟ୍ ଓ ୱିକେଟ୍ କାଠି ଧରି ବାହାରିଲେ । ପଡ଼ିଆରେ କନୱାର ବଲ୍ ଫିଙ୍ଗିଲା । ୱାସିମ୍‌ର ୱିକେଟ୍‌ରେ ବଲ୍ ବାଜିଲା । ୱିକେଟ୍ ପତ୍ରପରି ଉଡ଼ିଗଲା ଉପରକୁ । ହାୱାରେ ଉଡୁଥାଏ ୱିକେଟ୍ । ୱାସିମ୍ ଓ କନୱାର କହିଲେ -

"ଖସିପଡ଼ ଖସିପଡ଼ ତଳକୁରେ ୱିକେଟ୍
ଆମେ ଦୁହେଁ ସାଙ୍ଗ ହୋଇ ଖେଳିବୁ ଯେ କ୍ରିକେଟ୍ ।"




# ଅଭ୍ୟାସ



୧. ଚିତ୍ର ଦେଖି ପଢ଼ିବା।







ତାୱା ୱିକେଟ୍ ତଲୱାର ଯୱାନ

୨. ହଂସ ଥଣ୍ଟରେ ଥିବା 'ୱ' ଅକ୍ଷରରୁ ଲେଖାଥିବା ଶବ୍ଦଗୁଡ଼ିକର 'ୱ' ଅକ୍ଷରକୁ ଯୋଗକରିବା।

ହାୱା ଗୁଡ଼ି ତାୱା କନୱାର ଢୋଲ ୱାଚ୍ ୱାସିମ ୱାଗନ୍




୩. ଚିତ୍ରକୁ ଦେଖିବା, ଖାଲିଘରେ କଣ ହେବ ଲେଖିବା।


କ) ମାଆ ______ ରେ ରୁଟି ସେକୁଥିଲେ।



ଖ) ଖସିପଡ଼ ଖସିପଡ଼ ତଲକୁରେ ______ ।



୪. ବିନ୍ଦୁ ଯୋଡ଼ି ଦେଖିବା କ'ଣ ହେଉଛି ।



୫. ଚିତ୍ର ଦେଖି ପୂରା ଧାଡ଼ି ତଳ ଘରେ ଲେଖିବା ।

ହାୱାରେ  ଉଡ଼ିଲା ।

ୱାସିମ୍‌ର ମାଆ  ରେ ଆମ୍‌ଲେଟ୍ କଲେ ।

୬.



ଫ୍ରକ୍



ଟ୍ରକ୍



ନକ୍ଷତ୍ର



ପତ୍ର





ମୁଦ୍ରା




ମୁଦ୍ରିକା

( ) 'ର' ଫଳା ଲାଗିଥିବା ଅକ୍ଷରକୁ ଗୋଲ ବୁଲାଇବା ।

୭. ହଳନ୍ତ ( ୍ ) ଲାଗିଥିବା ଅକ୍ଷରରେ ପିଲାର ବଲ୍ ପଡ଼ିବ ।
ବଲ୍‌ରୁ ଗାର ଟାଣି ସେହି ଅକ୍ଷରକୁ ଯୋଡ଼ିବା ।

ଗୋଲ୍ ହଠାତ୍

ପୋକ ଫୁଟ୍‌ବଲ୍




ଗେଟ୍

କୋଟ୍ ନୋଟ୍

ଛୋଟ ୱାଗନ୍ ଗେଲ

୮. ଗାଇବା ଓ ଲେଖିବା ।




ଝୁଲ୍‌ରେ ହାତୀ ଝୁଲ୍,
ବାଆ ପାଣି ଖାଇ ଫୁଲ୍ ।

୯. ଆସ ପଢ଼ିବା ଓ ଗାଇବା ।

କଳା ମେଘ କୋଳେ
ବିଜୁଳି ମାରିଲା ଚକ୍‌ଚକ୍
ବିଜୁଳି ରାଣୀର ଦେହ
କେଡ଼େ ଗୋରା ତକ୍‌ତକ୍ ।
ବରଷା ପଡ଼ିଲା ବେଙ୍ଗୁଲୀ
ଡେଇଁଲା ଫକ୍‌ଫକ୍
ଭାଡ଼ି ତଳେ ରହି କୁକୁଡ଼ା
ଡାକିଲା କକ୍‌କକ୍ ।

**ଚକ୍‌ଚକ୍, ତକ୍‌ତକ୍ ପରି କିଛି ଶବ୍ଦ କହିବା ।**





# ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ପୂର୍ବପାଠମାନଙ୍କ ପରି ଏହି ପାଠ ମଧ୍ୟ ଚିତ୍ର ଦେଖା ସହ ୨/୩ ଥର ପଢ଼ା ହେବ।
- ପାଠଟି ପଢ଼ିଲାବେଳେ 'ୱ', ହଳନ୍ତ ଓ 'ର' ଫଳା ଥିବା ଶବ୍ଦକୁ ଅଧିକ ଜୋର ଦେଇ ପଢ଼ା ହେବ।
- ପିଲା ସୂଚନା ବୁଝି କାମ କରିବାରେ ଶିକ୍ଷକ ସାହାଯ୍ୟ କରିବେ।
- ଅଭ୍ୟାସ ୧, ୬ ଓ ୭ର କାମ ବେଳେ ଯଥାକ୍ରମେ 'ୱ', ର '୍ର' ଫଳା ଓ ହଳନ୍ତ ଥାଇ ଅନ୍ୟ ଶବ୍ଦ ପିଲାମାନେ ମନରୁ କହିବା କାମ ହେବା ଆବଶ୍ୟକ।
- ଅଭ୍ୟାସ ୯ରେ ପ୍ରତ୍ୟେକପିଲା ଗାଇବା ଓ ତା'ପରେ ଶବ୍ଦ କହିବା କାମ କରାହେବ।
- ୧୨ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ 'ୱ', 'ର' ଫଳା ( ୍ର ), 'ହଳନ୍ତ' ( ୍ ) ଚିହ୍ନିବା ଓ ଏଗୁଡ଼ିକ ବ୍ୟବହାର ଥାଇ ଶବ୍ଦ ପଢ଼ିବା, ଲେଖିବା ଓ ବ୍ୟବହାରକରିବା ଓ ବୁଝି ପ୍ରକାଶକରିବା ଇତ୍ୟାଦି ଦକ୍ଷତାର ବିକାଶ ହେବ।


ପାଠ-୨୩


# କାଞ୍ଚନର ପାଞ୍ଚ କଥା

U6YKY2



ଦିନକର କଥା। ପାଠ ପଢ଼ି କାଞ୍ଚନ ଫେରୁଥିଲା। ପଞ୍ଚାୟତ ହତାରେ ସେହି ଅଞ୍ଚଳର ବହୁଲୋକ ଥିଲେ। ସରପଞ୍ଚ ବାଞ୍ଛାନିଧି ମଉସା କିଛି କହୁଥିଲେ। ପଞ୍ଚାନନକାକା କାଞ୍ଚନକୁ ଡାକିଲେ। ଆଖପାଖ ପାଞ୍ଚ ଦଶଟି ଗାଁରେ ମେଲେରିଆ ଓ ଝାଡ଼ାରୋଗ ଲାଗିଥିଲା। ରୋଗରେ ପଡ଼ି ଲୋକେ ବହୁତ କଷଣ ସହୁଥିଲେ। ସଭିଏଁ ମିଶି ରୋଗ ନ ହେବା ଉପାୟ ପାଞ୍ଚୁଥିଲେ।
















ବାଞ୍ଛା ମଉସା ପଚାରିଲେ "ବହିରେ ରୋଗ ନ ହେବା ଉପାୟ କ'ଣ ଅଛି ?" କାଞ୍ଚନ ହାତଯୋଡ଼ି କହିଲା - "ଘରପାଖ ଅରମା ଓ ଘାସବୁଦା ଚାଞ୍ଛି ପକାଇବା । ଖାଲଜାଗା ଓ ନାଳରେ ଔଷଧ ସିଞ୍ଚିବା । ପାଣି ଫୁଟାଇ ଛାଣିବା । ତାକୁ ଯତନରେ ସଞ୍ଚୟ କରି ରଖି ପିଇବା । ସବୁଦିନ କିଛି ଫଳ ଓ କଞ୍ଚା ପରିବା ଖାଇବା । ଏ ପାଞ୍ଚ କଥା ମାନିଲେ ଆମେ ରୋଗରୁ ବଞ୍ଚିବା ।"



ବାଞ୍ଛାମଉସା, ପଞ୍ଚାନନକାକା ଓ ସବୁଲୋକ ଖୁସି ହେଲେ । କହିଲେ, "ସାବାସ୍ କାଞ୍ଚନ ! ଆମେ କାଞ୍ଚନର ପାଞ୍ଚ କଥା ମାନିବା ।"

# ଅଭ୍ୟାସ

୧. ପାଠରେ ଥିବା ଚିତ୍ର ଦେଖିବା ।
ଚିତ୍ର ବିଷୟରେ ଆଲୋଚନା କରିବା ।

୨. ବହି ଦେଖି ଖାଲିଜାଗା ପୂରଣ କରିବା ।

କ) ପଞ୍ଚାୟତ ହତାରେ ________ ର ବହୁଲୋକ ଥିଲେ ।

ଖ) ସରପଞ୍ଚ ________ ମଉସା କିଛି କହୁଥିଲେ ।

ଗ) ପଞ୍ଚାନନକାକା ________ କୁ ଡାକିଲେ ।

୩. ତଳଶବ୍ଦର ଖାଲିଘରେ 'ଞ୍ଚ' ଲେଖି ଶବ୍ଦଟି ଗଢ଼ିବା ।

ପ____ମ      କା____ନ      ଚ____ଳ

ଛା____      ସ____ୟ

୪. ଯେଉଁଠି 'ଞ୍ଚ' ଅଛି ତା' ଚାରିପାଖେ 'O' ବୁଲେଇବା ।

ବାଞ୍ଛାମଉସା ବେଞ୍ଚରେ ବସି

ଝରକା ଚାଞ୍ଚିଲେ ଅଳପ ହସି ।

୫. ତଳଛବିଗୁଡ଼ିକ ଦେଖିବା । ଛବିରେ ଥିବା କାମ କଲେ କ'ଣ ଲାଭ ହେବ କହିବା ।









୬. ଖାଲିଘରେ କେତେ ଲେଖିବା ।



କ)  ରେ ପଞ୍ଚୁ ମିଶାଇଲା  = ହେଲା [ ] ଟି ବାଇଗଣ

ଖ)  ରୁ ଚଞ୍ଚଳା ଖାଇଲା  = ରହିଲା [ ] ଟି କମଳା


ଗ)  ରୁ ସଞ୍ଜି ଖାଇଲା  = ରହିଲା [ ] ଟି ପିଜୁଳି

ଘ)  ରେ କାଞ୍ଚନ ମିଶାଇଲା  = ହେଲା [ ] ଟି ଅଁଳା

୭. ଖାଲିଘରେ ନାମ ଲେଖିବା ।

କ)  ଓ  ରେ ______ ଅଧିକ ।

ଖ)  ଓ  ରେ ______ କମ୍ ।

ଗ)  ଓ  ରେ ______ ଅଧିକ ।

ଘ) ଆମେ ଜାଣିଥିବା ଆଉ ପାଞ୍ଚଟି ପଶୁ ଓ ପାଞ୍ଚଟି ଚଢ଼େଇର ନାମ କହିବା ।

୮. ଆସ କହିବା ।

କ) ମଶା ଆମର କ'ଣ କ୍ଷତି କରେ ।

ଖ) ଉଈ ଆମର କ'ଣ କ୍ଷତି କରେ ।

୯. ଆସ କହିବା ।

(କ) ୫ ଓ ୩ ମିଶିଲେ କେତେ ହେବ ?

(ଖ) ୧୭ଟି ରସଗୋଲା ଥିଲା । ସେଥିରୁ ୧୨ଟି ତୁମେ ଖାଇଦେଲ । ଆଉ କେତୋଟି ରସଗୋଲା ରହିଲା ?

# ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ପିଲାଏ ମନଦେଇ ଚିତ୍ର ୧ ଦେଖିବେ। ତା'ପରେ ପାଠର ପ୍ରଥମ ଅଂଶ ଶିକ୍ଷକ ଓ ପିଲା ପଢ଼ିବେ।
- ଚିତ୍ର ୨ ଓ ୩ ପିଲା ଦେଖିବେ ଓ ପାଠ ଶେଷ ଭାଗ ଶିକ୍ଷକ ଓ ପିଲା ପଢ଼ିବେ।
- ଚିତ୍ର ୪ ପିଲା ଦେଖିବେ।

  ଏପରି ୨/୩ ଥର ପଢ଼ିବା କାମ ହେବ। ପଢ଼ିବାବେଳେ ଞ ଓ ଝ ଉଚ୍ଚାରଣ ଉପରେ ଗୁରୁତ୍ୱ ଦିଆଯିବ। ପାଠଟି ପଢ଼ା ହେବା ପରେ...
- ଅଭ୍ୟାସ ୧ ଶିକ୍ଷକ କିଛି ପ୍ରଶ୍ନ ପଚାରି ଆଲୋଚନା କରିବେ ଯେପରି କିଏ ପାଠ ପଢ଼ି ଫେରୁଥିଲା ? ସରପଞ୍ଚ ମଉସାଙ୍କ ନାମ କ'ଣ ? ଏପରି ଆହୁରି ପ୍ରଶ୍ନ ମଧ୍ୟ ପାଠକୁ ନେଇ ପଚାରିବେ, ଯେପରି ପିଲା ଉତ୍ତର କରିବା ବେଳେ ଞ ବା ଝ ଉଚ୍ଚାରଣ କରିବା ଆବଶ୍ୟକ ।
- ଅଭ୍ୟାସ ୩ ପ୍ରତ୍ୟେକ ପିଲା ପଢ଼ିବା ଆବଶ୍ୟକ।
- ଅଭ୍ୟାସ ୫ ଶିକ୍ଷକ ଚିତ୍ରଗୁଡ଼ିକ ଦେଖାଇ ପିଲାଙ୍କୁ କହିବା ପାଇଁ କହିବେ। ଯେଉଁ ପିଲା କହୁ ନାହାନ୍ତି ସେମାନଙ୍କୁ କହିବା ପାଇଁ ଉତ୍ସାହିତ କରିବେ।
- ଅଭ୍ୟାସ ୭ (ଘ)ରେ ପ୍ରତ୍ୟେକ ପିଲା କହିବା ଆବଶ୍ୟକ।
- ଅଭ୍ୟାସ ୮ ରେ ମଧ୍ୟ ପ୍ରତ୍ୟେକ ପିଲା କହିବେ ଓ ଅଭ୍ୟାସରେ ଥିବା ପ୍ରଶ୍ନସହ ଅନ୍ୟ କୀଟପତଙ୍ଗଙ୍କ ନାମ ମଧ୍ୟ ଶିକ୍ଷକ ପଚାରିବେ।
- ଅଭ୍ୟାସ ୯ ରେ ଶିକ୍ଷକ ବିୟୋଗଫଳ ୯ମଧ୍ୟରେ ହେଉଥିବା କିଛି ମୌଖିକ ପ୍ରଶ୍ନ ପଚାରିବେ। ଯେପରି - ଗଛରେ ୮ଟି ଛଅାଣ ବସିଥିଲେ। ୫ଟି ଉଡ଼ିଗଲେ। ଆଉ କେତୋଟି ରହିଲେ ?

  ବାପା ୧୨ଟି ମିଠା ଆଣିଲେ। ପଞ୍ଚୁ ପାଞ୍ଚଟି ଖାଇଦେଲା। ଆଉ କେତେ ରହିଲା ? ଏପରି ଆଉ କିଛି ପ୍ରଶ୍ନ ନିଜ ପିଲାଙ୍କ ସାମର୍ଥ୍ୟ ଦେଖି ଶିକ୍ଷକ ପଚାରିବେ। ତରବର ନହୋଇ ହିସାବ କରି କହିବା ପାଇଁ ପିଲାଙ୍କୁ ସମୟ ଦେବେ।

  ସୂଚିତ ପ୍ରଶ୍ନଗୁଡ଼ିକ ପଚାରିବା ପରେ ଯୋଗଫଳ ୫ ରୁ ୯ ମଧ୍ୟରେ ହେଉଥିବା ଓ୯ସଂଖ୍ୟା ମଧ୍ୟରେ ବିୟୋଗ ଆଧାରିତ କିଛି ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ମଧ୍ୟ ପଚାରିବା ଆବଶ୍ୟକ। ଯେପରି -
- କେତେରେ କେତେ ମିଶିଲେ ୮ହେବ ?
- କେତେରୁ କେତେ ବିୟୋଗକଲେ ୩ ହେବ ?

  ଏଭଳି ପ୍ରଶ୍ନର ଉତ୍ତର ଦେବା ପାଇଁ ମଧ୍ୟ ପ୍ରତ୍ୟେକ ପିଲାଙ୍କୁ ଉତ୍ସାହିତ କରିବା ଆବଶ୍ୟକ।

୨୩ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ - ଞ, ଝ ଚିହ୍ନିବା, ପଢ଼ିବା ଓ ଲେଖିବା, ୧ ରୁ ୧୮ ମଧ୍ୟରେ ବିୟୋଗ କରିବା, ବିଭିନ୍ନ ପଶୁପକ୍ଷୀ ଓ କୀଟପତଙ୍ଗ ଚିହ୍ନିବା, ମୌଖିକ ଯୋଗ ଓ ବିୟୋଗ କରିବା (ବିୟୋଗ ୯ ମଧ୍ୟରେ), ସ୍ୱାସ୍ଥ୍ୟର ନିୟମ ଦର୍ଶାଇବା ଓ ଶରୀରକୁ ସଫାସୁତୁରା ରଖିବା ଇତ୍ୟାଦି ଦକ୍ଷତାର ବିକାଶ ହେବ ।

ପାଠ-୨୪

# ଏଡ଼େ ଏଡ଼େ ବଡ଼

ବୈଶାଖ ମାସ । ଉଦୁଉଦିଆ ଖରା । ଐରାବତ ଆସିଲା । ହନୁ ଓ ବଂଶୀଧର ତାକୁ ଦେଖିଲେ । ବୈପାରିଗୁଡ଼ାରୁ ଆଣିଥିବା ତରଭୁଜଟିଏ ଦେଲେ ।

U78GZP

"ମୁଁ ଏଇଟା କାହିଁକି ନେବି ? ଆମ ରାଇଜର ଅଅଁଳା ଓ ଭଇଁଚ କୋଳି ତ ଏହାଠୁ କେତେ ବଡ଼ ।"



# ଅଭ୍ୟାସ

୧. ପଢ଼ିବା ।



ଭଅଁର



କଇଁ



ମୁହଁ



ସୈନିକ



ହଂସ



ସିଂହ

୨. ପଢ଼ିବା ଓ ଲେଖିବା ।

| | | | |
|---|---|---|---|
| ଗାଆଁ | ନାଆଁ | ମୁଆଁ | ନିଆଁ |
| ଅଂଶ | ମାଂସ | ହଂସ | କଂସା |
| ଐକିକ | ସୈନିକ | ଦୈନିକ | ବୈଠକ |

୩. ମୀନା କିପରି ପଢ଼ିବ ?

| | | | | | |
|---|---|---|---|---|---|
| ନି (ଆ) | ○ ଭିତରେ ଥିବା ଅକ୍ଷରରେ '◌ଁ' ଚିହ୍ନ ଲଗାଇବା | (କ) ସ | ○ ଭିତରେ ଥିବା ଅକ୍ଷରରେ 'ଂ' ଚିହ୍ନ ଲଗାଇବା | (କ) ଶୋର | ○ ଭିତରେ ଥିବା ଅକ୍ଷରରେ 'ୈ' ମାତ୍ରା ଲଗାଇବା |
| ବା (ଉ) ଶ | | (ମା) ସ | | (ସ) ତାନ | |
| ମୁ (ହ) | | (କ) ସା | | (ନ) ତିକ | |
| ଗା (ଆ) | | (ସ) ସାର | | (ଶ) ବାଳ | |

୪. ଆସ ଠିକ ଶବ୍ଦକୁ ଲଗାଇ ପଢ଼ିବା ଓ ଲେଖିବା ।



କ) ଝିଅଟି କରୁଛି ।
(ନାଇଁନାଇଁ, ସାଇଁସାଇଁ)



ଖ) କୈଳାସ ଆସୁଛି ।
(କଇଁକଇଁ, ଧାଇଁଧାଇଁ)



ଗ) ପିଲାଟି କାନ୍ଦୁଛି ।
(ଫଇଁଫଇଁ, କଇଁକଇଁ)



ଘ) କୁକୁର ଖାଉଛି ।
(କାଂସ, ମାଂସ)



ଙ) ବଣର ରାଜା ।
(ସିଂହ, ହଂସ)



ଚ) ଗାଡ଼ିଆରେ ଅଛି ।
(ହଂସ, ସିଂହ)

୫. ତରଭୁଜ ଲତାକୁ ବଢ଼ାଅ ଯେପରି ତାହା ଚିତ୍ରରେ ଥିବା ଲତାଗୁଡ଼ିକୁ ଛୁଇଁ ଛୁଇଁ ଯିବ ।



୬. (କ) ଖାଲିଘର ପୂରଣ କରିବା ଓ ପଢ଼ିବା ।

| | | | | | | | | | |
|---|---|---|---|---|---|---|---|---|---|
| ୦ | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | | | ୧୩ | ୧୪ | ୧୫ | | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| | ୩୧ | ୩୨ | ୩୩ | | | ୩୬ | ୩୭ | ୩୮ | ୩୯ |
| | | ୪୨ | | ୪୪ | ୪୫ | ୪୬ | | ୪୮ | ୪୯ |
| ୫୦ | | ୫୨ | | | ୫୫ | | | | ୫୯ |
| ୬୦ | ୬୧ | ୬୨ | ୬୩ | ୬୪ | | | | ୬୮ | ୬୯ |
| | ୭୧ | ୭୨ | ୭୩ | ୭୪ | | | | ୭୮ | |
| ୮୦ | | | | | ୮୫ | | | ୮୮ | |
| | ୯୧ | | | | | ୯୬ | | | |

ଖ) ନାଲିରେଲେଖା ସଂଖ୍ୟା ଦଶକୁ ବୁଝାଏ । କଳାରେଲେଖା ସଂଖ୍ୟା ଏକକୁ ବୁଝାଏ ।

✓ ବାମରୁ ଡାହାଣକୁ କଳାରେ ଲେଖା ପ୍ରତି ସଂଖ୍ୟା ଗୋଟିଏରୁ ଅନ୍ୟଟି କେତେ ଅଧିକ ହେଉଛି କହ ।

✓ ନାଲି ଦୁଇ ଥିବା ଧାଡ଼ିରେ ଶେଷ ଘରେ କେତେ ଅଛି ?

✓ ନାଲି ଛଅ ଥିବା ଧାଡ଼ିରେ ସବା ଆଗ ଘରେ କେତେ ଅଛି ?

୭. ତଳଲେଖା ପଢ଼ିବା ଓ 'ँ' ଚିହ୍ନଥିବା ଶବ୍ଦ ଉପରେ ଗାର (-) ଦେବା । 'ଂ' ଚିହ୍ନଥିବା ଶବ୍ଦର ତଳେ ଗାର (-) ଦେବା ।

'ୈ'ଥିବା ଶବ୍ଦ ଚାରିପଟେ ◯ ଓ ଐ-ଥିବା ଶବ୍ଦ ଚାରିପଟେ ☐ କରିବା ।

ବୈପାରିଗୁଡ଼ା ଗାଆଁରେ ଦୈନିକ ହାଟ ବସେ ।

ବଂଶୀଧର ହାଟରୁ କଂସା ବାସନ କିଣିଲା ।

ଇତିହାସ ଲେଖିବା ଐତିହାସିକଙ୍କ କାମ ।

ଇତିହାସ ପଢ଼ି ଐର ଖାରବେଳଙ୍କ ନାଆଁ ଜାଣିବା ।

# ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ଅଭ୍ୟାସ ୬ (ଖ) ପାଇଁ ଦିଆଯାଇଥିବା ପ୍ରଶ୍ନ ପରି ଶିକ୍ଷକ ଅନ୍ୟ ସରଳ ପ୍ରଶ୍ନ ମଧ୍ୟ ପଚାରିବେ। (ସଂଖ୍ୟା ଘର ଉପରେ)
- ଅଭ୍ୟାସ ୬ (କ) ର ସଂଖ୍ୟା ବାକ୍ସର ଖାଲିଘର ପୂରଣ କଲାପରେ ହିଁ ୬ (ଖ)ର କାମ ହେବ।
- ଅଭ୍ୟାସ ୭ କାମବେଳେ ସୂଚନା ବୁଝିବାରେ ଶିକ୍ଷକ ପିଲାଙ୍କୁ ସାହାଯ୍ୟ କରିବେ। ଏଥିପାଇଁ ଶିକ୍ଷକ ନିଜ ମନରୁ କିଛି ବାକ୍ୟ କଳାପଟାରେ ଲେଖି ଚିହ୍ନଗୁଡ଼ିକ ଦେବେ ଓ ପିଲାଙ୍କୁ ଦେଖାଇବା ଆବଶ୍ୟକ।
- ଅଭ୍ୟାସ ୭ କାମ ପରେ ଅଭ୍ୟାସ ୬ 'କ' ରେ ପିଲା ପୂରଣ କରିଥିବା ସଂଖ୍ୟା ବାକ୍ସକୁ ନେଇ ଘର କାମ ଦେବା ଆବଶ୍ୟକ।
- ଯେପରି ୬ (କ)ରେ ଥିବା ବାମରୁ ଡାହାଣକୁ ଅଧିକଅଧିକ ନକରି ଉପରୁ ତଳକୁ ସାନରୁ ବଡ଼ ସଂଖ୍ୟା ଲେଖି ସଂଖ୍ୟା ବାକ୍ସ ତିଆରି କାମ ପିଲାଙ୍କୁ ଦିଆଯିବା ଆବଶ୍ୟକ ଓ ପିଲାଙ୍କ ତିଆରି ବାକ୍ସ ତଳେ ପିଲାର ନାଆଁ ଲେଖି ଶ୍ରେଣୀରେ ଝୁଲାଇ ରଖିବା ଆବଶ୍ୟକ।

- ୨୦ ପିରିଅଡ଼ ପାଠରୁ ଶିକ୍ଷାର୍ଥୀଙ୍କୁ ଐ, ୈ ମାତ୍ରା, 'ଁ' ଓ 'ଂ' ଚିହ୍ନିବା, ପଢ଼ିବା ଓ ଲେଖିବା, ୧ ରୁ ୯୯ ମଧ୍ୟରେ ଗଣନ କରିବା ଓ ସଂଖ୍ୟା ସୂଚକ ଲେଖିବା, ବୃକ୍ଷଲତା ଚିହ୍ନିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୨୫


# ଖଞ୍ଜଣି ବାଜାର ମଜା

U7HD2C



ଖଞ୍ଜଣି ବଜାଇ ଦଳଗଞ୍ଜନ
ଗୀତ ଗାଇ କଲା ମନୋରଞ୍ଜନ ।

ଗୀତ ଶୁଣି ଡାକ ଛାଡ଼ିଲା ଗଞ୍ଜା
ବାଘ ନାଚ କରେ ଦେଖାଇ ପଞ୍ଜା
ମିରିଗ ଧାଇଁଲେ ପଞ୍ଜାକୁ ପଞ୍ଜା ।



# ଅଭ୍ୟାସ

୧. ଆସ ଛବି ଦେଖି ପଢ଼ିବା ।



ଖଞ୍ଜଣି



ଇଞ୍ଜିନ



କଖାରୁମଞ୍ଜି



ଆଞ୍ଜୁଳାଏ ଫୁଲ



ପିଞ୍ଜରା

୨. ଆସ 'ଞ୍ଜ' ଅକ୍ଷର ତଳେ ଗାର ଦେବା ।


ସଞ୍ଜ    ମାଙ୍କଡ଼    ଖଞ୍ଜା    ମଞ୍ଜା

କୁକୁର    ପିଞ୍ଜରା    ଗଞ୍ଜି    ଅଞ୍ଜଳି


୩. ଆସ 'ଞ୍ଚ' ଅକ୍ଷର ଯେଉଁ ଶବ୍ଦରେ ଅଛି ତା' ତଳେ ଗାର ଦେବା ।

ପଞ୍ଚାଏ ଛେଳି    ସିଂହର ପଞ୍ଝା    ବିଞ୍ଝାରପୁର


୪. ତଳେ ଥିବା ଛବି ମଧ୍ୟରୁ ୧୦ଟି ଛବିକୁ ନେଇ ଗୋଟେ ଘର କରିବା । କେତୋଟି ବଳୁଛି ଗଣିବା । କେତେ ଦଶ କେତେ ଏକ ଖାଲିଘରେ ଲେଖିବା । ଯେପରି -




| ଦଶ | ଏକ |
|---|---|
| ୧ | ୨ |



| ଦଶ | ଏକ |
|---|---|
| | |




| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |

୫. ତଳେ ଦିଆଯାଇଥିବା ଛବିଗୁଡ଼ିକର ନାମ କହିବା । ଏମାନଙ୍କ ଭିତରୁ କିଏ କେଉଁଠି ରହେ ଗାର ଟାଣି ଦେଖାଇବା ।








ପାଣିରେ ରହନ୍ତି

ବଣରେ ରହନ୍ତି

୬. କ) ବଣରେ ରହୁଥିବା କେତୋଟି ଜୀବଜନ୍ତୁଙ୍କ ନାମ କହିବା ।

ଖ) କେଉଁ ଜୀବ କ'ଣ ଖାଏ, ଗାର ଦେଇ ଯୋଡ଼ିବା ।



୭. ଟଙ୍କା, ଶଙ୍ଖ, ବେଙ୍ଗ, ଜଙ୍ଘ, କଞ୍ଚା, ଚଞ୍ଛା, ସଞ୍ଜ, ପଞ୍ଝା ଇତ୍ୟାଦି ଯୁକ୍ତାକ୍ଷରକୁ ଯଥାକ୍ରମେ ଟଂକା, ଶଂଖ, ବେଂଗ, ଜଂଘ, କଂଚା, ଚଂଛା, ସଂଜ, ପଂଝା ପରି ମଧ୍ୟ ଲେଖିହେବ । ଶିକ୍ଷକ ଏଭଳି ଲେଖା ପାଇଁ ପିଲାଙ୍କୁ କାମ ଦେବେ ।

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ଗୀତଟିକୁ ୨/୩ ଥର ଅଭିନୟସହ ଆବୃତ୍ତି କରାଯିବ। ଗୀତରୁ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କାର୍ଯ୍ୟ କରାଯିବ।
- ଗୀତଟି ଆବୃତ୍ତି ବେଳେ ଚିତ୍ର ଉପରେ ମଧ୍ୟ ଆଲୋଚନା କରାଯିବ।
- ଅଭ୍ୟାସ କାର୍ଯ୍ୟ ୪ରେ ଦଶ / ଏକ କାମପାଇଁ ବସ୍ତୁ ବ୍ୟବହାର କରାଯିବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୫ ଓ ୬ ପାଇଁ ଅଧିକ ପଶୁ, ପକ୍ଷୀ, କୀଟପତଙ୍ଗମାନଙ୍କ ନାମ ଦେଇ କିଏ କେଉଁଠି ରହେ ସେ ସଂପର୍କରେ କାମ କରାଯିବ। କିଏ କ'ଣ ଖାଏ ମୌଖିକ ଭାବରେ ଆଲୋଚନା କରାଯିବ।
- ଏହି ପାଠଟି ପାଇଁ ୧୯ ପିରିଅଡ଼ ଲାଗିବ। ଏହି ପାଠରେ 'ଞ୍ଚ', 'ଞ୍ଜ' ଅକ୍ଷର ଚିହ୍ନଟ କରାଯିବା ସହିତ, ଶବ୍ଦ ଗଠନ ଓ ଲିଖନ, ବାକ୍ୟ ଗଠନ ଓ ଲିଖନ, ଏକ ଓ ଦଶ ବିଷୟରେ ଧାରଣା, କେଉଁ ପଶୁ, ପକ୍ଷୀ କେଉଁଠି ରହନ୍ତି, କ'ଣ ଖାଆନ୍ତି ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

# ତଣ୍ଟିରେ ଲାଗିଛି କଣ୍ଟା

U7R93Z



ଗଧିଆ ତଣ୍ଟିରେ
ଲାଗିଛି କଣ୍ଟା,
ବିଚରା ସଳଖି
ପାରୁନି ଅଣ୍ଟା ।
ବଗ ବଇଦ ତା'
ଥଣ୍ଟ ପୂରାଇ,
ତଣ୍ଟିରୁ କଣ୍ଟାକୁ
ଦେଲା ହଟାଇ ।



ସାଙ୍ଗ ହୋଇ ଦୁହେଁ
ହାଟକୁ ଗଲେ,
କଣ୍ଠ ସଫାକରି
ଗୀତ ଗାଇଲେ ।
ବାଉଁଶ ଦେଖିଲେ
ଗଣ୍ଠିଗଣ୍ଠିଆ,
ବିକା ହେଉଥିଲା
ସେଉ ଗାଣ୍ଠିଆ ।

# ଅଭ୍ୟାସ

୧. କ) ଶୁଆର ଥଣ୍ଟରେ ଯେଉଁ ଅକ୍ଷର ଅଛି ତଳେ ଥିବା ଶବ୍ଦମାନଙ୍କରେ ସେହି ଅକ୍ଷରକୁ ଗୋଲ୍ ବୁଲାଇବା ।




କଣ୍ଟା ବେଣ୍ଟ ମେଣ୍ଟ

ଅଣ୍ଟି ଘାଣ୍ଟ ଥଣ୍ଟ

ଘଣ୍ଟିକା କଣ୍ଟିଆ କଣ୍ଟେଇ

ଖ) ତଳେ ଥିବା ଶବ୍ଦରେ 'ଣ୍ଠ' ଯେଉଁଠି ଅଛି, ତା'ତଳେ ଗାର ଦେବା ।

କଣ୍ଠ ଲଣ୍ଠନ ଆଣ୍ଠୁ

ଗାଣ୍ଠିଆ ଗଣ୍ଠି ପାଣ୍ଠି

୨. କ) ଗୀତଟିକୁ ଭଲଭାବେ ପଢ଼ିବା । ଗୀତରେ ଯେଉଁଠି 'ଣ୍ଟ' ଲାଗିଛି, ସେହି ଶବ୍ଦଗୁଡ଼ିକୁ ଲେଖିବା ।

ଯେପରି–

ତଣ୍ଟି ..................................................

ଖ) ଗୀତଟିକୁ ପଢ଼ିବା ଓ ଯେଉଁଠି 'ଣ୍ଠ' ଲାଗିଛି ସେହି ଶବ୍ଦଗୁଡ଼ିକୁ ତଳେ ଲେଖିବା । ଯେପରି–

କଣ୍ଠ

୩. ଖାଲିଜାଗା ପୂରଣ କରି ବାକ୍ୟଗୁଡ଼ିକୁ ପଢ଼ିବା ।

ଗଧିଆ______ରେ କଣ୍ଟା ଲାଗିଲା ।

ସେ______ସଳଖି ପାରୁ ନ ଥିଲା ।

ଗଧିଆ ଓ ବଗ ______ ସଫାକରି ଗୀତ ଗାଇଲେ ।

ସେଉ______ବିକା ହେଉଥିଲା ।

୪. (କ) ଆସ ସାଙ୍ଗ ହୋଇ ଗାଇବା ।

ଘଣ୍ଟା ଚାଲେ ଟିକ୍‌ଟିକ୍,
କାମ କର ଠିକ୍ ଠିକ୍ ।

(ଖ) ଆସ ତଳ ଶବ୍ଦଗୁଡ଼ିକ ପଢ଼ିବା ।

ଆଣ୍ଠୁ, ଯଅ, ଐରାବତ, ଐତିହାସିକ, ଯବାନ, ଗଣ୍ଠିଲି

(ଗ) କଣ୍ଟାକୁ ମଧ୍ୟ କଂଟା ଲେଖାଯାଏ । ସେହିପରି ଆଣ୍ଠୁକୁ ଆଂଠୁ ଲେଖାଯାଏ । ତୁମେ ଘଣ୍ଟା, ଲଣ୍ଠନ, କଣ୍ଠ, ଅଣ୍ଟକୁ ସେହିପରି ଲେଖ ।

୫. ପଢ଼ିବା, 'ଐ' ଉଚ୍ଚାରଣ ହେଉଥିବା ଶବ୍ଦ ତଳେ ଗାର ଦେବା ।

ଜାତୀୟ ପତାକା ଆକାଶେ ଉଡ଼େ,
ଦେଶ ଲାଗି ବୀର ସୈନିକ ଲଢ଼େ ।
ଦେଶ ସେବା କରି ଆମେ ଦୈନିକ,
ହେବୁ ଏ ଦେଶର ବୀର ସୈନିକ ।

୬. ଚାଷକାମ ପାଇଁ କି'କି ଜିନିଷ ଦରକାର ତାକୁ ଚିହ୍ନିବା ଓ ଗାର ଟାଣି ଚାଷକାମ ଚିତ୍ର ସହିତ ଯୋଡ଼ିବା ।



୭. ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକ ଗଣି ଖାଲିସ୍ଥାନରେ ସଂଖ୍ୟାଟି ଲେଖିବା ।

ଆମ୍ବ 

ଲେମ୍ବୁ 

ଡାଳିମ୍ବ 

ସେଓ 

୮. ଆସ, ତଳେ ଲେଖାଥିବା ପ୍ରତିଧାଡ଼ିର ସଂଖ୍ୟାଗୁଡ଼ିକ ମଧ୍ୟରୁ ସବୁଠାରୁ ସାନସଂଖ୍ୟା ଓ ବଡ଼ସଂଖ୍ୟାକୁ ଚିହ୍ନିବା ଓ ଖାଲିଘରେ ଲେଖିବା ।

| ସଂଖ୍ୟା | ସବୁଠାରୁ ସାନ | ସବୁଠାରୁ ବଡ଼ |
|---|---|---|
| ୧, ୨, ୩, ୪, ୭, ୯ | ୧ | ୯ |
| ୧୦,୨୦,୭୦,୪୦ | | |
| ୪୭, ୪୯, ୪୧, ୩୫ | | |
| ୯୯, ୭୭, ୬୬,୪୪ | | |
| ୮୦,୯୦,୬୦,୫୦ | | |

୯. ତଳେ ଥିବା ସଂଖ୍ୟାଗୁଡ଼ିକୁ ସାନରୁ ବଡ଼କ୍ରମରେ ସଜାଇବା ।

କ) ୩, ୧, ୧୦, ୯, ୧୮,
୧୭, ୧୫, ୪୦, ୫୫, ୬୦

ଖ) ଆଉ ଥରେ ଉପର ସଂଖ୍ୟାଗୁଡ଼ିକୁ ବଡ଼ରୁ ସାନକ୍ରମରେ ଲେଖିବା ।

୧୦. ଆସ, ଅଭିନୟ କରି ଗାଇବା ।



ଘୋ ଘୋ ରାଣୀ
ଆଣ୍ଠେ ଆଣ୍ଠେ ପାଣି
ଘୋ ଘୋ ରାଣୀ
ଅଣ୍ଟେ ଅଣ୍ଟେ ପାଣି ।



# ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ପାଠରେ ଥିବା ଗୀତଟି ୨/୩ ଥର ଚିତ୍ର ସହ ପଢ଼ା ହେବ।
- ଅନ୍ୟ ଗୀତର ଉପସ୍ଥାପନା ପରି ଏହି ଗୀତଟି ମଧ୍ୟ ପଢ଼ାଯିବ। ଷ୍ଟ, ଣ୍ଟ, ପଠନ, ଲିଖନ, 'ଐ' ଓ 'ୈ' କାରର ପଠନ ଓ ଲିଖନ କରାଯିବ।
- ଅଭ୍ୟାସ ୧, ୨ ପରି ଅଧିକ ଅଭ୍ୟାସ ଓ ଲିଖନକାର୍ଯ୍ୟ କରାଯିବା ଆବଶ୍ୟକ।
- ଅଭ୍ୟାସ ୬ ପରି କୃଷିକାର୍ଯ୍ୟ ସହ ସମ୍ପର୍କ ଥିବା ଅନ୍ୟାନ୍ୟ ଉପକରଣ ସଂପର୍କରେ ମଧ୍ୟ ଆଲୋଚନା କରାଯିବ।
- ଅଭ୍ୟାସ ୭, ୮, ୯ ପରି ଅଧିକ ଅଭ୍ୟାସ କାର୍ଯ୍ୟ ଦିଆଯିବା ଆବଶ୍ୟକ।
- ଅଭ୍ୟାସ ୧୦ ଗୀତଟିକୁ ଅଭିନୟ କରି ବୋଲିବାବେଳେ ପିଲାମାନଙ୍କୁ ଶରୀରର ବିଭିନ୍ନ ଅଂଶ ଦେଖାଇବେ। ଯେପରି - ପେଟେ ପେଟେ ପାଣି...।
- ୨୫ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ଷ୍ଟ, ଣ୍ଟ ଚିହ୍ନଟ କରିବା, ଙ୍କ, ଷ୍ଟ, ଣ୍ଟ ଥିବା ଶବ୍ଦଗୁଡ଼ିକୁ ପଢ଼ିବା, ଚିତ୍ର ଗଣି ଲେଖିବା, ଦତ୍ତ ସଂଖ୍ୟାମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ଓ ସବୁଠାରୁ ସାନ ସଂଖ୍ୟା (୯୯ ମଧ୍ୟରେ) ନିର୍ଣ୍ଣୟ କରିବା, କୃଷିକାର୍ଯ୍ୟ ସମ୍ପର୍କରେ ଜାଣିବା ଓ ବିଭିନ୍ନ କୃଷିଯନ୍ତ୍ରପାତି ସମ୍ପର୍କରେ ଅବଗତ ହେବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୨୭

# ଝିଅ ହେବ ତ ଏମିତି

ଗୌରୀ ଓ ଗୌତମ ଭାଇଭଉଣୀ । ଦୁଃଖୀରାମ ସେମାନଙ୍କ ବାପା । ବାପା, ମା, ଗୌରୀ ଓ ଗୌତମଙ୍କୁ ନେଇ ତାଙ୍କ ପରିବାର । ପରିବାରଟି ଛୋଟ । ତାଙ୍କର କୌଣସି ଅଭାବ ନ ଥାଏ ।



ଦିନେ ଦୁଃଖୀରାମବାବୁ ଘରେ ନ ଥିଲେ । ଗୌତମର ଦେହ ଖରାପ ହେଲା । ସେହି ସମୟରେ ଝଡ଼ପବନ ହେଉଥାଏ । ଗୌତମର ଦେହଦୁଃଖ ଗୌରୀ ସହିପାରିଲା ନାହିଁ । ସେ ଝଡ଼ବତାସକୁ ଦେଖି ଡରିଲା ନାହିଁ । ଗୌତମକୁ ସାଙ୍ଗରେ ଧରି ବଇଦଙ୍କ ନିକଟକୁ ଗଲା ।



ବଇଦ ଗୌତମକୁ ଦେଖିଲେ। ରବିବାରଠାରୁ ଶନିବାର ଯାଏଁ ସାତଦିନପାଇଁ ଔଷଧ ଦେଲେ। ଗୌତମ ଔଷଧ ଖାଇଲା। ତା'ର ଦେହ ଭଲ ହୋଇଗଲା।



ଗୌରୀର ଦୁଃସାହସ
ଦେଖି ଲୋକମାନେ
ତାକୁ ବାଃ ବାଃ କଲେ।
ସଭିଏଁ କହିଲେ,
"ଝିଅ ହେବ ତ ଏମିତି।"

# ଅଭ୍ୟାସ

୧. ପଢ଼ିବା ଓ ଲେଖିବା ।

ଗୌତମ କେଉଁକେଉଁ ଦିନ ଔଷଧ ଖାଇଲା ?

ଗୌତମ ରବିବାର, ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଔଷଧ ଖାଇଲା ।

୨. ଖାଲିଘର ପୂରଣ କରିବା ।

ରବିବାର, ସୋମବାର, __________, __________,

ଗୁରୁବାର, ଶୁକ୍ରବାର, __________ ।

୩. ତଳବାକ୍ସରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

ଯେପରି – କୌରବ

| | | | | | |
|---|---|---|---|---|---|
| କୌ | ଙ୍ଗ | ର | ତୁ | ବୈ | ମ |
| ୟ | ଗୀ | ଦୁଃ | ସ | ବ | ରା |
| ଚୌ | କ | କି | ଗୌ | ଠ | କା |

୪. ଛବି ଦେଖିବା ଓ ତଳ ଲେଖା ପଢ଼ିବା ।



ଔଷଧ



ଚୌକି



ନୌକା

୫. ଆସ ଗାଇବା ।

କୌତୁକିଆ ହରିଣ ଛୁଆ
ମା' ପାଖରେ ହୋଇଛି ଠିଆ ।

୬. ତଳ ଶବ୍ଦଗୁଡ଼ିକର ପ୍ରଥମ ଅକ୍ଷରରେ 'ୌ' ଲଗାଇ ଶବ୍ଦଗୁଡ଼ିକୁ ପଢ଼ିବା ଓ ଲେଖିବା ।

ଯେପରି : କରବ - କୌରବ

ଦଲତ, ସରଭ, ଗରବ, କତୁକ, ଚକାଠ, ନକା, ଗରୀ

୭.





ଦୁଃଖ

'ଃ'– ଏପରି ଚିହ୍ନ ଶବ୍ଦର କେଉଁ ଅକ୍ଷରରେ ଅଛି, ତା'କୁ '◯' ବୁଲାଇବା ।

୮. କ) ଆସ ସଭିଏଁ ମିଶି ଗାଇବା ।




ବାଃ ବାଃ ବାଃ କେମିତି ମଜା
ଭାଲୁ ନାଚ କରେ ବଜାଇ ବାଜା ।
ଗଧ ଗୀତ ଗାଇ ଆସିଲା ପଶି
ଖୁସିରେ ପିଲାଏ ଉଠିଲେ ହସି ।

ଖ) ଖାଲି ଘରେ କେଉଁ ଶବ୍ଦ ହେବ ଲେଖିବା ।


(ବାଃ ବାଃ, ଆଃ, ଓଃ)


- ଝୁଣ୍ଟି ପଡ଼ିବାରୁ ମିତା ____ କହି ବସିଗଲା ।
- ଗୌରୀ ଦୌଡ଼ରେ ପ୍ରଥମ ହେବାରୁ ସମସ୍ତେ ____କଲେ ।
- ବାଟୋଇଟି ଝାଳନାଳ ହୋଇ କହିଲେ, ____ କି ଖରା !

୯. ସବୁ ଚିତ୍ର ଦେଖିବା । ଚିକି ଗୋଟିଏ ଦିନରେ କେଉଁ କାମ ପରେ କେଉଁ କାମ କରିଛି ◯ ଭିତରେ ୧,୨,୩,୪,... କ୍ରମରେ ଲେଖିବା ।



## ୧୦. ତଳଚିତ୍ରକୁ ଦେଖି ଆଗକୁ ଚିତ୍ର ଆଙ୍କିବା ।

କ) 

ଖ) 

## ୧୧. ଆସ କହିବା ।

କ) ଆମେ କେଉଁସବୁ ଗଛର ପତ୍ର ଓ ମୂଳ ଇତ୍ୟାଦି ଔଷଧ ରୂପେ ବ୍ୟବହାର କରୁ ? ଯେପରି– ତୁଳସୀ ପତ୍ରର ରସ କାଶ ଓ ଜ୍ୱର ପାଇଁ...

ଖ) ତୁମେ ବିଦ୍ୟାଳୟରେ କେତେବେଳେ ମଧ୍ୟାହ୍ନ ଭୋଜନ ଖାଅ ?

ଗ) ବୁଧବାର ଆଗରୁ କେଉଁ ବାର ହୁଏ ?

ଘ) ଶନିବାର ପରେ କେଉଁ ବାର ଆସେ ?

**ତୁମପାଇଁ କାମ :-**

ବାପା ମା'ଙ୍କଠାରୁ ଔଷଧ ହେଉଥିବା କେତୋଟି ଗଛ, ପତ୍ର, ମୂଳ, ଇତ୍ୟାଦିର ନାମ ବୁଝ ଓ ସେଗୁଡ଼ିକ କେଉଁ ରୋଗ ପାଇଁ ବ୍ୟବହାର କରାଯାଏ ସାଙ୍ଗମାନଙ୍କୁ କହ ।

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ଆବଶ୍ୟକସ୍ଥଳେ ଅଭ୍ୟାସ କାମର ସୂଚନା ଶିକ୍ଷକ ଉଦାହରଣ ଦେଇ ବୁଝାଇବେ, ଯେପରି ପିଲା ସ୍ୱଚ୍ଛନ୍ଦରେ କାମ କରିବେ।

- ଅଭ୍ୟାସ ୩, ୬ ଓ ୭ର ଚିତ୍ରପରି ଅନ୍ୟଚିତ୍ର ଓ ଶବ୍ଦନେଇ ଏହି ପ୍ରକାରର ଅଧିକ କାର୍ଯ୍ୟ ମଧ୍ୟ କରିବା ଆବଶ୍ୟକ।

- ଅଭ୍ୟାସ ୩ ରେ କୌଶଳ, କୌରବ, ଗୌରବ, ଗୌରାଙ୍ଗ, ଚୌକି ପରି ଶବ୍ଦ ଆସିବା ଦରକାର।

- ୨୫ ପିରିଅଡ଼ର ଏହି ପାଠରୁ ଔ ଅକ୍ଷର, 'ୌ' (ଔକାର), ଃ (ବିସର୍ଗ) ଚିହ୍ନିବା, ପଢ଼ିବା ଓ ଲେଖିବା, ସପ୍ତାହର ବାରମାନଙ୍କୁ କ୍ରମରେ କହିବା, ଦିନ ମଧ୍ୟରେ ବିଭିନ୍ନକାମକୁ କ୍ରମାନ୍ୱୟରେ ସଜାଇବା, ଚେରମୂଳି ଔଷଧ ଚିହ୍ନିବା ଓ ବ୍ୟବହାର ଦର୍ଶାଇବା ଦକ୍ଷତାର ବିକାଶ ହେବା ଆବଶ୍ୟକ।

ପାଠ-୨୮


# ରତ୍ନାକରର ଜନ୍ମଦିନ

ଆଜି ରତ୍ନାକରର ଜନ୍ମଦିନ । ସେ ବଡ଼ିଭୋରରୁ ଉଠିଲା । ସ୍ନାନ ସାରିଲା । ଠାକୁରଙ୍କ ନିକଟକୁ ଯାଇ ପ୍ରଣାମ କଲା । ସାଙ୍ଗସାଥୀ ଆସିଲେ । ଉପହାର ଦେଲେ । ପୂଜାପାଇଁ ପଦ୍ମଫୁଲ ଅଣାଗଲା । ପୂଜା ଶେଷରେ ପ୍ରସାଦ ବଣ୍ଟାହେଲା । ଭିନ୍ନଭିନ୍ନ ପ୍ରକାର ମିଠା ଓ ଖିରି ତିଆରି ହେଲା । ସାଙ୍ଗସାଥୀମାନେ ଅନ୍ନ ଭୋଗ ଖାଇଲେ ।

U8A17A




ରତ୍ନାକର ତା'ର ସାଙ୍ଗମାନଙ୍କୁ କହିଲା, "ଗଛଲତା କମିଯିବାରୁ ଆମର ବହୁତ କ୍ଷତି ହେଉଛି। ଜନ୍ମଦିନରେ ମୁଁ ଗୋଟିଏ ଗଛ ଲଗାଏ"। ସାଙ୍ଗମାନେ ଖୁସିହୋଇ ଗଛ ଲଗାଇଲେ।



# ଅଭ୍ୟାସ

୧. ଚିତ୍ର ଦେଖି ପଢ଼ିବା ।



ଜହ୍ନ



ପଦ୍ମ



ଜହ୍ନି

୨. 'ନ' ଫଳା ଯୁକ୍ତ ଅକ୍ଷର ତଳେ ଗାର ଦେବା ।

ଯତ୍ନ ପତ୍ର ରତ୍ନ ମଗ୍ନ କଇଁ

କାଉ କାହ୍ନୁ କୋଇଲି ଗୌରବ ଜହ୍ନି

୩.



ଜହି

ଉପର ଚିତ୍ର ଦେଖି ଠିକ୍ ଜାଗାରେ 'ନ'ଫଳା ଦେବା ଓ ପଢ଼ିବା ।

୪. ମିଳିମିଶି ଗାଇବା ।

ଜହ୍ନିଫୁଲ ଠୋ-ଠା କାକୁଡ଼ି ଫୁଲ ଠୋ-ଠା,

କହ୍ନେଇ ଭାଇ କହି ଯାଇଛି ବଂଶୀଟିଏ ଥୋଇ ଥା ।

୫. କ) ଖାଲିଘରେ 'ନ୍ନ' ଲେଖିବା ଓ ପଢ଼ିବା ।

ଭି ☐ ଅ ☐ ଛି ☐

ଖ) 'ନ' ଫଳା ଥାଇ ଆଉ କେତୋଟି ଶବ୍ଦ ଲେଖିବା ।

୬. ଆସ, '୍ମ' ମ-ଫଳା ଥିବା ଅକ୍ଷରକୁ ଗୋଲ୍ ବୁଲାଇବା ।

ଭୀଷ୍ମ ଯତ୍ନ ଲକ୍ଷ୍ମୀ ଭିନ୍ନ

ବାଲ୍ମୀକି ସ୍ନାନ ସ୍ମରଣ ଚିହ୍ନ

୭. ଆସ ତଳେ କ'ଣ ଲେଖାହୋଇଛି ପଢ଼ିବା ଓ ◯ ଭିତରେ ଥିବା ଅକ୍ଷରରେ '୍ମ' ଲଗାଇ ପଢ଼ିବା ।

ପ(ଦ) ଜ(ନ) (ସ)ରଣ ବା(ଲୀ)କି


୮. ପଢ଼ିବା ।

ଭାରତ ଆମ ଜନ୍ମଭୂମି
ସରଗଠାରୁ ବଡ଼,
ତାହାରି ଟେକ ରଖିବା ଆମେ
ଆସୁ ବିପଦ ଝଡ଼ ।

୮. ଛବି ଦେଖିବା, ଛବିକୁ ମିଶାଇ ପଢ଼ିବା ଓ କ'ଣ ହେବ କହିବା ।



ନ ଘଷିଲେ —



ସଫା ନ କଲେ —




ସଫା ନ କଲେ —




ନ କାଟିଲେ —


୯. ଚିତ୍ରର କ୍ରମକୁ ଦେଖି ଖାଲି ଘରେ ଚିତ୍ର କରିବା ।



୧୦.



ଉପର ଚିତ୍ର ଦେଖି ବିଭିନ୍ନ ଆକୃତିଗୁଡ଼ିକୁ ଗଣି ଖାଲି ଘରେ ଲେଖିବା ।



| | |
|---|---|
| ସବୁଠାରୁ ଅଧିକ ଥିବା<br>ଚିତ୍ର ☐ ଟି ଅଛି । | ସବୁଠାରୁ କମ୍‌ଥିବା<br>ଚିତ୍ର ☐ ଟି ଅଛି । |
| ☐<br>ଖାଲି ଘରେ ସବୁଠୁ ବେଶି<br>ଥିବା ଚିତ୍ରରୁ ଗୋଟିଏ କର । | ☐<br>ଖାଲି ଘରେ ସବୁଠୁ କମ୍<br>ଥିବା ଚିତ୍ରରୁ ଗୋଟିଏ କର । |

୧୧. ନିଜ ବାମ ହାତକୁ ଡାହାଣ ହାତରେ ମାପି କେତେ ଚାଖଣ୍ଡ ଓ କେତେ ଆଙ୍ଗୁଳି ହେଲା ଲେଖିବା ।

☐ ଚାଖଣ୍ଡ ☐ ଆଙ୍ଗୁଳି

୧୨. ବାପା, ମା’, ଦାଦା, ବଡ଼ଭାଇ, ବଡ଼ଭଉଣୀଙ୍କର ଏକ ହାତ ନିଜ ହାତରେ କେତେ ଚାଖଣ୍ଡ ଓ କେତେ ଆଙ୍ଗୁଳି ହେଲା ମାପି ତଳ ଖାଲି ଘରେ ଲେଖିବା ।

| | |
|---|---|
| ବାପା | _____ଚାଖଣ୍ଡ_____ଆଙ୍ଗୁଳି |
| ମା’ | _____ଚାଖଣ୍ଡ_____ଆଙ୍ଗୁଳି |
| ଦାଦା | _____ଚାଖଣ୍ଡ_____ଆଙ୍ଗୁଳି |
| ବଡ଼ଭାଇ/ବଡ଼ ଭଉଣୀ | _____ଚାଖଣ୍ଡ_____ଆଙ୍ଗୁଳି |

୧୩. ପଢ ଓ ଲେଖ ।

ପକ୍ଷ ପକ୍ଷୀ ଚକ୍ଷୁ ଅକ୍ଷର ଶିକ୍ଷକ
ବକ୍ଷ କ୍ଷୀର କ୍ଷମା ଅକ୍ଷତ ସାକ୍ଷାତ

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

- ଯେଉଁ ଅଭ୍ୟାସ କାର୍ଯ୍ୟର ସୂଚନା ପିଲା ବୁଝିବାରେ ଅସୁବିଧା ହେବ ଶିକ୍ଷକ ଉଦାହରଣ ଦେଇ ବୁଝାଇଦେବେ। ଅଭ୍ୟାସ ୩ ର ଗୀତ ପରି ଅନ୍ୟ ଛୋଟ ଗୀତ ସଂଗ୍ରହ କରି ବୋଲା ହେବ।
- ଅଭ୍ୟାସ ୮ର କାମ ସହ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ନେଇ ମଧ୍ୟ ଶିକ୍ଷକ ଆଲୋଚନା କରିବା ଆବଶ୍ୟକ।
- ଅଭ୍ୟାସ ୯, ୧୦ ଓ ୧୧ ପ୍ରତ୍ୟେକପାଇଁ ସେହି ଭଳି ଅଧିକ କାର୍ଯ୍ୟ ମଧ୍ୟ ହେବା ଆବଶ୍ୟକ।
- ୩୦ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ' ନ' ଫଳା, 'ମ' ଫଳା ପଢ଼ିବା ଓ ଲେଖିବା, ପରିବାର ସଦସ୍ୟ ଓ ବନ୍ଧୁଙ୍କ ସହ ଉତ୍ତମ ବ୍ୟବହାର କରିବା, ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଫାସୁତୁରା ରଖିବା, ଯୁକ୍ତିଯୁକ୍ତ ବିଚାର କରିବା, ଦୃଶ୍ୟ ସଂଗ୍ରହ କରିବା, (ମାପରୁ) ତଥ୍ୟ ସଜାଇବା ଓ ତଥ୍ୟର ବ୍ୟାଖ୍ୟା କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

## ମୁଁ କ'ଣ ଶିଖିଲି ?

| | | | | | | | | |
|---|---|---|---|---|---|---|---|---|
| | ଅ | ଆ | ଇ | ଈ | ଉ | ଊ | ଋ | |
| | | | ଏ | ଐ | ଓ | ଔ | | |
| | | କ | ଖ | ଗ | ଘ | ଙ | | |
| | | ଚ | ଛ | ଜ | ଝ | ଞ | | |
| | | ଟ | ଠ | ଡ | ଢ | ଣ | | |
| | | ତ | ଥ | ଦ | ଧ | ନ | | |
| | | ପ | ଫ | ବ | ଭ | ମ | | |
| ଯ | ୟ | ର | ଳ | ଲ | ୱ | ଶ | ଷ | ସ |
| | | | ହ | କ୍ଷ | ଡ଼ | ଢ଼ | | |
| | | | ଂ | ଃ | ଁ | ୍ | | |

ମାତ୍ରା : ା ି ୀ ୁ ୂ ୃ େ ୈ ୋ ୌ

ଯୁକ୍ତାକ୍ଷର : ଙ୍କ ଙ୍ଖ ଙ୍ଗ ଙ୍ଘ ଞ୍ଚ ଞ୍ଛ ଞ୍ଜ ଞ୍ଝ ଣ୍ଟ ଣ୍ଡ

ଫଳା : ୍ୟ ୍ନ ୍ମ


# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ.....
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ... । ୦ ।

ବନ୍ଦେ ଉତ୍କଳ ଜନନୀ
ପୂତ-ପୟୋଧି-ବିଧୌତ-ଶରୀରା
ତାଳ-ତମାଳ-ସୁଶୋଭିତ-ତୀରା
ଶୁଭ୍ର ତଟିନୀ କୂଳ ଶୀକର ସମୀରା
ଜନନୀ ଜନନୀ ଜନନୀ । ୧ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ ଜନନୀ ଜନନୀ । ୨ ।

ସୁନ୍ଦର-ଶାଳି-ସୁଶୋଭିତ-କ୍ଷେତ୍ର
ଜ୍ଞାନ-ବିଜ୍ଞାନ-ପ୍ରଦର୍ଶିତ-ନେତ୍ର
ଯୋଗୀ ଋଷିଗଣ-ଉଟଜ-ପବିତ୍ର
ଜନନୀ ଜନନୀ ଜନନୀ । ୩ ।


Finish 100
99 98 97 96 95 94 93 92 91
81 82 83 84 85 86 87 88 89 90
80 79 78 77 76 75 74 73 72 71
61 62 63 64 65 66 67 68 69 70
60 59 58 57 56 55 54 53 52 51
41 42 43 44 45 46 47 48 49 50
40 39 38 37 36 35 34 33 32 31
21 22 23 24 25 26 27 28 29 30
20 19 18 17 16 15 14 13 12 11
1 2 3 4 5 6 7 8 9 10